ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No91 Bhubaneswar Thursday, May 20, 2021 | ୨୪ତମ ବର୍ଷ ସଂଖ୍ୟା–୯୧ ଭୁବନେଶ୍ୱର, ଗୁରୁବାର, ମେ ୨୦, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹.50 | (Air Surcharge - 0.50P) | Member-INS


## ସଙ୍ଗୀତ ନିର୍ଦ୍ଦେଶକ ଅମେରନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଡ଼ ପ୍ରସନ୍ନ ପାଟ୍ଟପାଟାଣୀଙ୍କ ଶୋକ

ଭୁବନେଶ୍ୱର, ୧୯।୫(ପି.ଏନ): ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅମେରନ୍ଦ୍ର ମହାନ୍ତିଙ୍କ କରୁଣା ଜନିତ ମୃତ୍ୟୁରେ ଭୁବନେଶ୍ୱରର ପୂର୍ବତନ ସଂସଦ ଡ଼. ପାଟ୍ଟଶାଣୀ ଗଭୀର ଶୋକ ବକ୍ତ କରିବା ସହ ପରିବାର ବର୍ଗଙ୍କ ପ୍ରତି ନିଜର ସମବେଦନା ଜ୍ଞାପନ୍ନ କରିଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ଓଡ଼ିଆ ଫିଲ୍ମମ ଓ ଯାତ୍ରା ଜଗତ ପ୍ରତି ଥିବା ଅବଦାନକୁ ଓଡ଼ିଶାବାସୀ ଚିରଦିନ ମନେରଖିବେ। ଡ଼. ପାଟ୍ଟଶାଣୀ ନିଜର ପୁରୁଣା ସମ୍ପର୍କକୁ ମନେପକାଇବା ସହ ତାଙ୍କ ଅମର ଆତ୍ମାର ସଦଗତୀ କାମନା କରିଛନ୍ତି।

## ଗୋଟିଏ ଦିନରେ ୧୧୦୯୯ କରୋନା ଆକ୍ରାନ୍ତ ଚିହ୍ନଟ
## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୪୪୪୦୧

ଭୁବନେଶ୍ୱର, ୧୯।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୧୦୯୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୪୪୪୦୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୫୩୬୫୯୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୫୩୭୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୦୯୯ ଜଣଙ୍କ ମଧ୍ୟରୁ ୬୨୧୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୮୮୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୪୬୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୦୮ ଜଣ, ବରଗଡ଼ରୁ ୩୩୯ ଜଣ, ଭଦ୍ରକରୁ ୪୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୮୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୧୩, କଟକରୁ ୮୬୭ ଜଣ, ଦେବଗଡ ଜିଲ୍ଲାରୁ ୧୦୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୬୨ ଜଣ, ଗଜପତି ଜିଲ୍ଲାରୁ ୮୨ , ଗଞ୍ଜାମରୁ ୧୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୦୨ ଜଣ, ଯାଜପୁରରୁ ୩୭୮ ଜଣ, ଝାରସୁଗୁଡ଼ାରୁ ୩୦୭ ଜଣ, କଳାହାଣ୍ଡିରୁ ୨୯୯ ଜଣ, କନ୍ଧମାଳ ଜିଲ୍ଲାରୁ ୮୮ ଜଣ. କେନ୍ଦ୍ରାପଡ଼ାରୁ ୧୫୬ ଜଣ, କେନ୍ଦୁଝରରୁ ୧୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୪୬୦ ଜଣ, କୋରାପୁଟରୁ ୨୮୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୦୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫୦୭ ଜଣ, ନବରଙ୍ଗପୁରରୁ ୩୫୧ ଜଣ, ନୟାଗଡ଼ରୁ ୨୭୭ ଜଣ, ନୂଆପଡ଼ାରୁ ୨୩୨ ଜଣ, ପୁରୀରୁ ୩୫୬ ଜଣ, ରାୟଗଡ଼ାରୁ ୧୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୫୪୭ ଜଣ, ସୋନପୁରରୁ ୨୫୨ ଜଣ, ସୁନ୍ଦରଗଡ଼ରୁ ୯୮୩ ଜଣ ଓ ଷ୍ଟେଟ୍ ପୁଲରୁ ୨୪୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ବର୍ଷାଋତୁ ପୂର୍ବରୁ ଜଳ ନିଷ୍କାସନ ଓ ରୋଗ ପ୍ରତିରୋଧ ପାଇଁ ଜିଲ୍ଲା ଓ ପୌର ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୫(ପି.ଏନ): ଆସନ୍ତା ବର୍ଷାଋତୁରେ ସହରାଂଚଳରେ ଯେଭଳି କୃତ୍ରିମ ବନ୍ୟା କିମ୍ବା ଜଳବନ୍ଦୀ ଅବସ୍ଥା ସୃଷ୍ଟି ନହେବ ସେଥିପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହେବା ସହିତ ଏସଂକ୍ରାନ୍ତରେ ସମସ୍ତ ଜିଲ୍ଲାପାଳ, ମହାନଗର ନିଗମର କମିଶନର, ମ୍ୟୁନିସିପାଟିଲିଟି ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଛି । ବଡ ବର୍ଷା, ବାତ୍ୟା ଭଳି ସ୍ଥିତିରେ ଯେଭଳି ସହରାଂଚଳରେ କୌଣସି ଠାରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ନହୁଏ ସେଥିପାଇଁ ଯୋଜନା ମୁତାବକ ପଦକ୍ଷେପ ନେବାକୁ ରାଜ୍ୟ ପୌର ପ୍ରଶାସକ ସଂଗ୍ରାମଜିତ ନାୟକ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ନାୟକ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପୂର୍ବବର୍ଷ ଭଳି ପୌର ପ୍ରଶାସନଗୁଡିକ ଡ୍ରେନେଜ ଡିଜିଜନ, କ୍ଷୁଦ୍ରଜଳସେଚନ ଓ ଜଳସମ୍ପଦ ବିଭାଗ ସହିତ ମିଳିତ ଭାବେ ବର୍ଷାଋତୁ ପୂର୍ବରୁ ସମସ୍ତ ଡ୍ରେନ ଚ୍ୟାନେଲ ଓ ଜଳନିଷ୍କାସନ ବ୍ୟବସ୍ଥାର ଅନୁଧ୍ୟାନ କରିବେ । ଆବଶ୍ୟକ ସ୍ଥଳେ ଦୁର୍ଘଟଣା ଏଡାଇବାପାଇଁ ଡ୍ରେନ ଘୋଡଣି ଗୁଡିକର ମରାମତି କିମ୍ବା ନିର୍ମାଣ କରିବେ । ବର୍ଷାଦିନ ପୂର୍ବରୁ ପୌରାଂଚଳରେ ଥିବା ସମସ୍ତ ଡ୍ରେନର ଶତ ପ୍ରତିଶତ ଅନୁଧ୍ୟାନ ସହିତ ଯଦି କୌଣସି ଠାରେ ଦୁର୍ଘଟଣାର ସମ୍ଭାବନା ଥାଏ ତେବେ ଯୁଦ୍ଧକାଳୀନ ଭିତିରେ ସେଠାରେ ପଦକ୍ଷେପ ଗ୍ରହଣ କରାଯିବ । ସେହିଭଳି ଯଦି କୌଣସି ଠାରେ ଡ୍ରେନ ଜବରଦଖଲ ହୋଇ ଜଳ ଅବରୋଧ କରିବାର ସମ୍ଭାବନା ରହିଛି ତେବେ ତୁରନ୍ତ ସେହି ଜବରଦଖଲ ହଟାଇବା ଓ ଉଚ୍ଛେଦ ପାଇଁ କୁହାଯାଇଛି । ଆବଶ୍ୟକ ସ୍ଥଳେ ଜବରଦଖଲକାରୀ ବ୍ୟକ୍ତି ଓ ସଂସ୍ଥା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ସହରଂଚଳରେ ବନ୍ୟାଭଳି ସ୍ଥିତି ସୃଷ୍ଟି ହେଉଥିବା ସ୍ଥାନ ଚିହ୍ନଟ ସହିତ ସେଠାରେ ବର୍ଷା ସମୟରେ ଜରୁରୀ ଭିତିରେ ପମ୍ପ ମୁତୟନ କରିବାକୁ କୁହାଯାଇଛି । ଡ୍ରେନ ଗୁଡିକର ଜରୁରୀ ମରାମତି ସହିତ କୌଣସି ଠାରେ ଜଳ ଅବରୋଧ କଲାଭଳି ସାମଗ୍ରୀ ଗଦା ହୋଇଥିଲେ ତାହାକୁ ହଟାଇବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ବର୍ଷାଦିନେ ଜଳ ଜମାହେବା ଫଳରେ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀଜ ଏନସେଫାଲାଇଟିସ ଭଳି ଭେକ୍ଟର ବାହିତ ରୋଗ ଏବଂ ଡାଇରିଆ ଓ କାମଳ ଭଳି ଜଳବାହିତ ରୋଗ ହେବାର ସମ୍ଭାବନା ରହିଛି । ତାହାକୁ ଦୃଷ୍ଟିରେ ରଖି ଜନବସତି ଅଂଚଳରେ ଯେଭଳି ଆଦୌ ଜଳବନ୍ଦୀ ଅବସ୍ଥା ସୃଷ୍ଟି ନହୁଏ ସେଥିପାଇଁ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି । ଜଳ ଜମାହେଉଥିବା ସ୍ଥାନରେ ବ୍ଲିଚିଙ୍ଗ ପାଉଡର ସିଂଚନ ସହିତ ମଇଳା ଟାଙ୍କି ଗୁଡିକରେ ଘୋଡଣି ପକାଇବା, ଠିକଣାଭାବେ ଅଳିଆ ଉଠାଇବା, ପାଣିଟାଙ୍କିଗୁଡିକରେ ଘୋଡଣି ଲଗାଇବାପାଇଁ ଜରୁରୀ ଭାବେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସହରାଂଚଳରେ ନିୟମିତ ଭାବେ ମଶାଧୂଆଁ ଛାଡିବା ସହ ବ୍ୟାପକ ପଲିଥିନ ବ୍ୟବହାର ତଳିଆ ଅଂଚଳରେ ଡ୍ରେନ ଜାମର ମୁଖ୍ୟ କାରଣ ହୋଇଥିବାରୁ ପିଲିଥିନ ନିଷେଧକୁ କଡାକଡି ଭାବେ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜଳ ପ୍ରବାହ ହେଉଥିବା କେତେକ ସ୍ଥାନରେ ଜାଲ ବିଛାଯାଇ ଅଳିଆଗୁଡିକ ଛାଣି ସେଗୁଡିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ କୁହାଯାଇଛି । ସେହିଭଳି ପ୍ରତ୍ୟେକ ପୌରାଂଚଳରେ କମିଶନର/ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧକ୍ଷତାରେ ୟୁନିଫାଏଡ କମାଣ୍ଡ ଏବଂ କଂଟ୍ରୋଲ ସେଂଟର ପ୍ରତିଷ୍ଠା କରିବା ସହିତ ବିଭିନ୍ନ ବିଭାଗ, ସଂସ୍ଥା ଓ ଅଗ୍ନିଶମ ବିଭାଗ ସହିତ ସମନ୍ୱୟ ରକ୍ଷାକରି ସେମାନଙ୍କ ଇଲାକାରେ ସୃଷ୍ଟି ବନ୍ୟାଭଳି ପରିସ୍ଥିତିର ମୁକାବିଲା କରାଯିବାକୁ କୁହାଯାଇଛି । ଏହି କମାଣ୍ଡ ସେଂଟରରେ ବିଭିନ୍ନ ବିଭାଗ ଗୁଡିକ ସେମାନଙ୍କ ପ୍ରତିନିଧିଙ୍କୁ ସଦସ୍ୟଭାବେ ନିୟୋଜିତ ଲାଗି ଅନୁରୋଧ କରାଯିବ । ବର୍ଷାଦିନେ ଏହି କମାଣ୍ଡ ସେଂଟର ସକ୍ରିୟ ଭାବେ ସାଧାରଣ ଲୋକଙ୍କ ସହ ସମନ୍ୱୟ ରକ୍ଷାକରି ଯୁଦ୍ଧକାଳୀନ ଭିତିରେ ବିଭିନ୍ନ ସେବା ଯୋଗାଇବ ।ଜରୁରୀ ସମୟରେ ଏହି କଂଟ୍ରୋଲ ରୁମ କୁ ଅଧିକାରୀମାନେ ରୋଷ୍ଟର ଭିତିରେ ପରିଚାଳନା କରିବେ । ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ସହିତ ସ୍ଥାନୀୟ ପ୍ରଶାସନକୁ ସକିୟ କରିବାଲାଗି ବିଭାଗ ମଧରେ ସମନ୍ୱୟ ରକ୍ଷା ସହିତ ପୌରାଂଚଳରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହାୟତାପାଇଁ ଜିଲ୍ଲାପାଳ ଏବଂ କମିଶନରମାନଙ୍କୁ ଅନୁରୋଧ କରାଯାଇଛି । ଉପରୋକ୍ତ ସମସ୍ତ କାର୍ଯ୍ୟ ଆବଶ୍ୟକ ନିର୍ଦ୍ଦେଶାବଳୀ ଓ ଏସଓପି ଅନୁଯାୟୀ ଉନ୍ନତି/ ୟୁଡବ୍ଲ୍ୟୁଆଇ/ଅର୍ଥ କମିଶନଙ୍କ ଅନୁଦାନରୁ ହେବବୋଲି ପତ୍ରରେ ଉଲ୍ଲେଖ ଅଛି ।

## ଶ୍ରିମନ୍ତିନୀ ଦ୍ୱିବେଦୀଙ୍କ ବିୟୋଗରେ ଓଡ଼ିଶା, ଆନ୍ଧ୍ର ରାଜ୍ୟପାଳ ଓ ବାଚସ୍ପତିଙ୍କ ସମେତ ମାନ୍ୟଗଣ ବ୍ୟକ୍ତି ବିଶେଷଙ୍କ ଶୋକ

ଭୁବନେଶ୍ୱର, ୧୯।୫(ପି.ଏନ): ବରିଷ୍ଠ ସମ୍ବାଦିକ କିଶ୍ୱୋର



ଦ୍ୱିବେଦୀଙ୍କ ମା’ ଶ୍ରିମନ୍ତିନୀ ଦେବୀଙ୍କ ୮୫ ବୟସରେ ନିଜ ପୈତ୍ୟୁକ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ୫ ଝିଅ ଓ ୩ ପୁଅ ନିଜ ନିଜ କ୍ଷେତ୍ରରେ ସୁପ୍ରତିଷ୍ଠିତ। ତାଙ୍କ ବିୟୋଗରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ, ବିଶ୍ୱଭୁଷଣ ହରିଚନ୍ଦନ, ବିଧାନ ସଭା ବାଚସ୍ପତି ଡ଼. ସୂର୍ଯ୍ୟନାରଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଆଜିଠୁ ହାଇକୋର୍ଟ ସଟ୍ ଡାଉନ୍

ଭୁବନେଶ୍ୱର, ୧୯।୫(ପି.ଏନ): ଆସନ୍ତାକାଲି (ଗୁରୁବାର) ଠାରୁ ମଇ ୨୭ ତାରିଖ ପର୍ଯ୍ୟନ୍ତ ଓଡିଶା ହାଇକୋର୍ଟକୁ ସମ୍ପୂର୍ଣ୍ଣ ସଟ୍ ଡାଉନ୍ ଘୋଷଣା କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧି ଓ କିଛି କର୍ମଚାରୀ ସଂକ୍ରମିତ ହେବା ପରେ ଏହି ନିଷ୍ପତି ନିଆଯାଇଛି। ହାଇକୋର୍ଟ ରେଜିଷ୍ଟାର ଜେନେରାଲଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ତେବେ କୋର୍ଟ ବନ୍ଦ ରହିଲେ ବି ଜରୁରୀ ମାମଲାର ଶୁଣାଣି ପାଇଁ ରେଜିଷ୍ଟ୍ରାର ଜୁଡିସିଆଲଙ୍କୁ ଆବେଦନ କରିହେବ।

## ବଙ୍ଗୋପସାଗରରେ ଆସୁଛି ବାତ୍ୟା
## ୨୨ରେ ଲଘୁଚାପ ,୨୬ରେ ବାତ୍ୟାର ରୂପ ନେଇ ଉପକୂଳ ଆଡକୁ ମୁହାଁଇବ

ଭୁବନେଶ୍ୱର, ୧୯।୫(ପି.ଏନ): ବଙ୍ଗୋପସାଗରରେ ଦାନା ବାନ୍ଧୁଛି ବାତ୍ୟା। ଆସନ୍ତା ୨୨ରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ବାତ୍ୟାର ରୂପ ନେଇ ଉପକୂଳ ମୁହାଁ ହୋଇପାରେ । ଏନେଇ ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ୨୨ ତାରିଖରେ ଉତର ଆଣ୍ଡାମାନ ସାଗର ଓ ପୂର୍ବମଧ୍ୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମେ ଏହା ଘନୀଭୂତ ହୋଇ ୭୨ ଘଂଟା ପରେ ବାତ୍ୟା ରୂପ ନେବ। ୨୫ ତାରିଖ ସୁଦ୍ଧା ବାତ୍ୟାର ରୂପ ନେବ ଲଘୁଚାପ କ୍ଷେତ୍ର। ବାତ୍ୟାରେ ପରିଣତ ହୋଇ ଏହା ଉତର–ପଶ୍ଚିମ ଦିଗରେ ଆଗେଇବ। ତବେ କେଉଁଠି କେତେବେଳେ ଏହାର ପ୍ରଭାବ ପଡିବ ତାହା ଏବେଠୁ କହିହେବ ନାହିଁ। ବାତ୍ୟାର ତ୍ରୀବତା କେତେ ରହିବ ତାହା ଲଘୁଚାପ ସୃଷ୍ଟି ହେବା ପରେ ଜଣାପଡିବ। ତେବେ ୨୬ ତାରିଖରେ ଉପକୂଳ ଛୁଇଁପାରେ ବାତ୍ୟା ଏବଂ ଓଡ଼ିଶା–ପଶ୍ଚିମବଙ୍ଗ ଉପକୂଳରେ ପହଂଚିବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଓଡ଼ିଶା ଉପକୂଳରେ ଏହାର ପ୍ରଭାବ ନିଶ୍ଚିତ ପଡ଼ିବ ବୋଲି ସେ କହିଛନ୍ତି। ଆଇଏମଡିର ସୂଚନା ଅନୁଯାୟୀ ଏହାର ପ୍ରଭାବରେ ୨୫ ତାରିଖ ରାତିରୁ ଉପକୂଳ ଓଡିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହ ଗୋଟିଏ ଦୁଇଟଇ ସ୍ଥାନରେ ପ୍ରବଳ ବର୍ଷା। ସମ୍ଭାବନା ରହିଛି। ପରବର୍ତୀ ସମୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ୨୩ ତାରିଖ ବେଳକୁ ଆଣ୍ଡାମାନ ସାଗର ଓ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ପବନ ଘଂଟା ପ୍ରତି ୪୫ରୁ ୫୫ କିମି କିମ୍ବା ୬୫ କିମି ବେଗରେ ବହିପାରେ। ପରବର୍ତୀ ସମୟରେ ପବନର ବେଗ ୫୦ରୁ ୬୦ କିମି ଏବଂ ଝଟକା ପବନ ୭୦ କିମି ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ୨୪ରୁ ୨୬ ତାରିଖ ମଧ୍ୟରେ ଓଡିଶା ପଶ୍ଚିମ ବଙ୍ଗ ଓ ବଙ୍ଗଳାଦେଶ ଉପକୂଳରେ ପବନର ବେଗ ଆହୁରି ଶକ୍ତିଶାଳୀ ରହିପାରେ। ଅପରପକ୍ଷରେ ମତ୍ସ୍ୟଜୀବୀମାନେ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ବଙ୍ଗୋପସାଗରର ଗଭୀର ସମୁଦ୍ର ଅଂଚଳରେ ଏବଂ ଉତର ବଙ୍ଗୋପସାଗର ତଥା ଓଡିଶା ଉପକୂଳ ମଧ୍ୟକୁ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରବେଶ ନକରିବାକୁ ପରାମର୍ଶ ଦିଆଯାଇଛି।

## କରୋନାର ମୁକାବିଲା ନେଇ କେନ୍ଦ୍ରମନ୍ତ୍ରୀଙ୍କ ଭିଡ଼ିଓ ବାର୍ତା
## ଓଡିଶାବାସୀ ଟେଷ୍ଟିଂ ଅଭିଯାନରେ ସାମିଲ ହେବାକୁ ଅନୁରୋଧ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୯।୫(ପି.ଏନ): କରୋନା ମହାମାରୀ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଟ୍ରେସିଂ,ଟେଷ୍ଟିଂ ଓ ଟ୍ରିଟମେଂଟ୍‌କୁ ଗୁରୁତ୍ୱ ଦେଇ ଆସୁଛନ୍ତି। ତେଣୁ ଦଳ, ମତ ନିର୍ବିଶେଷରେ ଓଡ଼ିଶାର ସମସ୍ତ ଭାଇ ଭଉଣୀ ଓ ଗୁରୁଜନ ମାନଙ୍କୁ ଟେଷ୍ଟିଂ ଅଭିଯାନରେ ସାମିଲ ହୋଇ ଏହାକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଏକ ଭିଡ଼ିଓ ବାର୍ତା ମାଧମରେ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।
ଶ୍ରୀ ପ୍ରଧାନ ବାର୍ତାରେ କହିଛନ୍ତି ଯେ ଦେଶ ଏବଂ ରାଜ୍ୟ କରୋନାର ଦ୍ୱିତୀୟ ଲହର ଦ୍ୱାରା ପ୍ରଭାବିତ ହୋଇଥିବା
ବେଳେ ଓଡ଼ିଆ ଲୋକମାନେ ଚିନ୍ତାରେ ଅଛନ୍ତି। କରୋନାକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଷ୍ଟିଂ ବଢ଼ାଇବା, ଟ୍ରେସିଂ କରିବା ଏବଂ ଟ୍ରିଟମେଂଟ୍ କରିବା ଉପରେ ରଣନୀତି ପ୍ରସ୍ତୁତି କରିବା ପାଇଁ ପରାମର୍ଶ ଦେଇଛନ୍ତି। କିନ୍ତୁ ବିଶେଷ ଭାବରେ ଗ୍ରାମାଂଚଳରେ ଲୋକ ମାନଙ୍କ ମନରେ କରୋନା ପ୍ରତି ଭୟ ଓ ଭ୍ରାନ୍ତି ଧାରଣା ଥିବାରୁ ଲୋକମାନେ ଟେଷ୍ଟିଂ କରିବାକୁ ଆସୁନାହାନ୍ତି। ରାଜ୍ୟର ଗ୍ରାମାଂଚଳର ଜନଜାତି ବସତି ଅଂଚଳରେ ଟେଷ୍ଟିଂ ପାଇଁ କୁଣ୍ଠାବୋଧ ଦେଖାଯାଇଛି। ଗଣତନ୍ତ୍ରରେ ଶାସନ ସମ୍ଭାଳିବା ପାଇଁ ବହୁମତର ଆବଶ୍ୟକତା ଥାଏ କିନ୍ତୁ ଯେତେବେଳେ ଜାତୀୟ ବିପତି ହୁଏ ସଂକଟ ଆସେ ସେତେବେଳେ ‘କ୍ରାଇସିସ୍ ମ୍ୟାନେଜମେଂଟ୍ କମିଟି’ ଗଠନ ହେବାର ଆବଶ୍ୟକତା ଥାଏ ଏବଂ ସର୍ବମତ ପ୍ରାଥମିକତା ଦେବାର ଆବଶ୍ୟକତା ଥାଏ। ସମାଜର ସବୁ ବ୍ୟକ୍ତିତ୍ୱ ମାନଙ୍କୁ ମିଶାଇ ରାଜନୈତିକ ଦଳ, ସମାଜିକ ସଂଗଠନ, ସ୍ୱେଚ୍ଛାସେବୀ, ଛୋଟ ମଠ, ମନ୍ଦିର, ମହିଳା ମଣ୍ଡଳ, ଯୁବ ସଂଗଠନ, ସଂଗଠନ ସମୂହ ତଥା ଏ ସମସ୍ତଙ୍କୁ ମିଶାଇ ବହୁମତକୁ ଏକାଠି କରି ସମାଜକୁ ସମ୍ଭାଳିବାର ଆବଶ୍ୟକତା ରହିଛି।
ସର୍ବଭାରତୀୟ ସ୍ତରରେ ପରିସଂଖ୍ୟାନ ଅନୁଯାୟୀ, ମଇ ମାସରେ ଅଦ୍ୟାବଧି ମିଳିଥିବା ତଥ୍ୟ ଅନୁସାରେ ଭାରତରେ ପ୍ରତି ୧ ଲକ୍ଷରେ ହାରାହାରି ୧୪୬ ଲୋକଙ୍କୁ ଟେଷ୍ଟିଂ କରାଯାଉଛି। ଓଡ଼ିଶାରେ ଜନସଂଖ୍ୟା ୪.୫ କୋଟିରୁ ଉର୍ଦ୍ଧ୍ୱ ଥିଲେ ମଧ୍ୟ ଗତ ୧୭ ଦିନ ମଧ୍ୟରେ ହାରାହାରି ପ୍ରତ୍ୟେକ ୧ ଲକ୍ଷ ଜନସଂଖ୍ୟାରେ ୧୨୦ ଲୋକଙ୍କୁ ପରୀକ୍ଷା କରାଯାଉଛି। ଠିକ୍ ସେହି ସମୟରେ କେରଳରେ ହାରାହାରି ୩୯୦ ଲୋକଙ୍କ ପରୀକ୍ଷା ହେଉଥିବା ବେଳେ ଦିଲ୍ଲୀରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୪୧୭ ଜଣଙ୍କୁ ପରୀକ୍ଷା କରାଯାଉଛି। ସେହିଭଳି ଓଡ଼ିଶାର ପଡୋଶୀ ରାଜ୍ୟ ଓଡ଼ିଶା ଠାରୁ ମଧ ମାତ୍ରାଧିକ ଟେଷ୍ଟିଂ ହୋଇଛି।୨୩ଟି ଜିଲ୍ଲାରେ ଟେଷ୍ଟିଂ ହାର ଜାତୀୟ ଟେଷ୍ଟିଂ ଠାରୁ କମରେ ରହିଛି। ବିଶେଷ ଭାବରେ ସମ୍ବଲପୁର, ଅନୁଗୁଳ, ବରଗଡ, ସୁନ୍ଦରଗଡ଼ ଓ କଳାହାଣ୍ଡି ଭଳି ରାଜ୍ୟର ୧୪ଟି ଜିଲ୍ଲାରେ ପଜିଟିଭ୍ ରେଟ୍ ଜାତୀୟ ପଜିଟିଭ୍ ରେଟ୍ ଠାରୁ ଅଧିକ ରହିଛି । ଏସବୁକୁ ଦେଖିଲେ ଏଠାରେ ଟେଷ୍ଟିଂ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।
ସରକାର ବ୍ୟବସ୍ଥା କରିବେ କିନ୍ତୁ କେବଳ ବ୍ୟବସ୍ଥା କରିବା ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ଲୋକଙ୍କୁ ଏକାଠି କରି ପହାଁଇବା ପାଇଁ ପଡ଼ିବ। ସବୁ ଓଡ଼ିଆ ଲୋକମାନଙ୍କର ଦାୟିତ୍ୱ ସବୁ ଭେଦ ଭାବକୁ ଭୁଲି ଏ ଜଟିଳ ପରିସ୍ଥିତିକୁ ସମାଜରୁ ବାହାର କରିବା ପାଇଁ ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟମେଂଟକୁ ପ୍ରାଥମିକତା ଦେବା ପାଇଁ ପଡ଼ିବ। ମୋର ବିଶ୍ୱାସ ଓଡ଼ିଆ ଲୋକଙ୍କ ଅଦମ୍ୟ ସାହାସରେ କୋଭିଡକୁ ପରାସ୍ତ କରିବା ପାଇଁ ଏହାକୁ ଜନଆନ୍ଦୋନରେ ପରିଣତ କରାଯାଇପପାରିବ ।
ଦେଶର ପଶ୍ଚିମାଂଚଳ ଓ ଉତରାଂଚଳ ଧୀରେଧୀରେ କରୋନାର ସ୍ଥିତାବସ୍ଥା ସୁଧୁରୁଛି। ଦକ୍ଷଣାଂଚଳରେ ଏବେ କରୋନାର ରୂପ ଦେଖାଉଛି। ଏହାକୁ ଧୈର୍ଯ୍ୟର ସହ ବୁଦ୍ଧି ଓ ସାହାସ ଦେଖାଇ ସମାଜ କରୋନା ମୁକାବିଲାର ସାମ୍ନା କରୁଛି। ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟର ରାଜ୍ୟ ସରକାର, ସାମାଜିକ ସଂଗଠନ, ନାଗରିକମାନେ ଏଭଳି ଅଭାବନୀୟ ସ୍ଥିତିକୁ ସାମ୍ନା କରିବା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। କରୋନା ଯୋଦ୍ଧା ବିଶେଷ ଭାବରେ ଡ଼ାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପାରାମେଡ଼ିକାଲ, ପୋଲିସ ପ୍ରଶାସନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ବିକୁଥିବା ଲୋକମାନେ, ଗ୍ୟାସ ଡ୍ରେଲିଭରି ବୟ ସମସ୍ତେ ଏହି ସମୟରେ ସେବା ଯୋଗାଇ ଆସୁଛନ୍ତି ବୋଲି ସେ କହିଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada







# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ ।

## ୧୦୬୮ ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଭୂତଙ୍କ ମେଳା



ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପ୍ରତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହେଁ । କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ । ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ । ହଂକଂ ୟୁନିଭରସିଟିର ସହାୟକ ପ୍ରଫେସର ଡା. ଶିୟାଂଗୁ ଝାଂଗଙ୍କ ଅନୁସାରେ ଖାଦ୍ୟ ବନାଇବା ସମୟରେ ସୃଷ୍ଟି ହେଉଥିବା ଆଇ-ଡିବିପି ପର୍ଯ୍ୟାବରଣୀୟ ରସାୟନବିଦ୍ ଓ ଇଞ୍ଜିନିୟର ମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ । ତେଣୁ ଗବେଷକମାନେ ବିଭିନ୍ନ ପାଇପ ପାଣିକୁ ବିଭିନ୍ନ ତାପମାତ୍ରାରେ ରଖି ସେଥିରେ ଆୟୋଡ଼ିନ୍ ଲୁଣ ମିଶାଇ ପରୀକ୍ଷା କରିଥିଲେ । ଅତି ଆଧୁନିକ ପ୍ରକ୍ରିୟା ବ୍ୟବହାର କରି ସେମାନେ ସେଥିରୁ ୧୪ ଅଣୁକୁ ଚିହ୍ନିପାରିଥିଲେ ଯାହା ୫୦-୨୦୦ଗୁଣା ଅଧିକ କ୍ଷତିକାରକ ।

## ଅନିଦ୍ରାର କୁପ୍ରଭାବ



ନିଦ ନ ଆସିବାର ସମସ୍ୟାକୁ ଏକ ସାଧାରଣ କଥା ଭାବିବା ଉଚିତ୍ ନୁହେଁ । ଏଥିରେ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି କମ୍ ହେବାର ଆଶଙ୍କା ରହିଥାଏ । ଅକ୍ସଫୋର୍ଡ଼ ୟୁନିଭରସିଟିର ରିସର୍ଚ୍ଚକର୍ତ୍ତାଙ୍କ ମତାନୁସାରେ ନିଦ ମସ୍ତିଷ୍କର ଘର ଜଗୁଆଳ ସଦୃଶ ଯାହା ମସ୍ତିଷ୍କର ମରାମତି କାର୍ଯ୍ୟ କତରିଥାଏ । ଏଥିପାଇଁ ରିସର୍ଚ୍ଚକର୍ତ୍ତାମାନେ ମସ୍ତିଷ୍କ ସହ ଅନିଦ୍ରାର କ'ଣ ସମ୍ପର୍କ ରହିଛି ତା'ଉପରେ ରିସର୍ଚ୍ଚ କରିଥିଲେ । ଅଧ୍ୟୟନରୁ ଜଣା ପଡ଼ିଥିଲା ନିଦ ନ ହେବା ଜଟିଳତା ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ପାଖରେ ଦେଖାଯାଏ । ବୟଷ୍କ ବ୍ୟକ୍ତିଙ୍କ ପାଇଁ ପ୍ରତିଦିନର ଆଠ ଘଣ୍ଟାର ପର୍ଯ୍ୟାପ୍ତ ନିଦ୍ରା ଜରୁରୀ । ଅନିଦ୍ରା ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତି ତାଙ୍କର ଖାଦ୍ୟପେୟକୁ ଧ୍ୟାନରେ ରଖିଲେ ଏହି ଅନିଦ୍ରା ସମସ୍ୟାରୁ ନିଜକୁ ବଞ୍ଚାଇପାରିବେ ।




# ଜୁନ୍ ୧ ଯାଏଁ ବଢ଼ିଲା ଲକ୍ ଡାଉନ୍

- କମିଲା କୋହଳ ସମୟ , ସକାଳ ୭ଟାରୁ ଦିନ ୧୧ ଟା ଯାଏଁ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିହେବ
- ବିବାହ, ବ୍ରତ ଓ ଅନ୍ତ୍ୟେଷ୍ଟି ରେ ଭୋଜିଭାତ ମନା
- ବିବାହରେ ୨୫ ଜଣଙ୍କୁ ଅନୁମତି
- ବନ୍ଦ ରହିବ ବସ୍ ଚଳାଚଳ
- ଜାରି ରହିବ ସପ୍ତାହାନ୍ତ ସଟ୍ ଡାଉନ୍

ଭୁବନେଶ୍ୱର, (ପିଏନ୍) ରାଜ୍ୟ ସରକାର ଆଜି କୋଭିଡ୍ ପାଇଁ ଜାରି ହୋଇଥିବା ଲକ୍‌ଡାଉନ୍ କୁ ଆଉ ଦୁଇ ସପ୍ତାହ ଅର୍ଥାତ ଜୁନ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଜୁନ୍ ୧ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ରାଜ୍ୟରେ ଲକ୍‌ଡାଉନ୍ ବଳବତର ରହିବ।ଏଥିସହ ସପ୍ତାହାନ୍ତ ସଟ୍ ଡାଉନ୍ ବଳବତର ରହିବ। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ କିଣାକିଣି କରିବାକୁ ମିଳୁଥିବା ୬ ଘଂଟା କୋହଳ ସମୟକୁ ୪ ଘଂଟାକୁ ହ୍ରାସ କରାଯାଇଛି। ଏଣିକି ସକାଳ ୬ଟାରୁ ଦିନ ୧୨ଟା ପରିବର୍ତ୍ତେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଲୋକମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣି ପାଇଁ ଅନୁମତି ମିଳିବ । ସେହିପରି ବିବାହ କାର୍ଯ୍ୟରେ କେବଳ ୨୫ ଜଣ ଲୋକ ଭାଗ ନେଇପାରିବେ । ବିବାହ, ବ୍ରତ ଓ ଅନ୍ତ୍ୟେଷ୍ଟି କ୍ରିୟା ଆଦି କାର୍ଯ୍ୟକ୍ରମରେ ଭୋଜିଭାତକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ମଙ୍ଗଳବାର ଦିନ ଏକ ସ୍ୱତନ୍ତ୍ର ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏ ବାବଦରେ ଘୋଷଣା କରିଛନ୍ତି।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ପ୍ରଥମ ଲକ୍ ଡାଉନ୍ ସମୟରେ ସରକାରଙ୍କ ତରଫରୁ ନିଆଯାଇଥିବା ବିଶେଷ ପଦକ୍ଷେପ ପାଇଁ ଅନେକ ସୁଫଳ ମିଳିଛି ଏବଂ ଯେଉଁ ହାରରେ କରୋନା ରୋଗୀ ସଂଖ୍ୟା ବୃଦ୍ଧି ପାଉଥିଲା ସେଥିରେ ହ୍ରାସ ଘଟିଛି । ଗତ ୧୫ ଦିନ ହେବ ରାଜ୍ୟରେ ସକ୍ରିୟ ରୋଗୀ ସଂଖ୍ୟା ପ୍ରାୟ ସମାନ ସ୍ତରରେ ରହଛି । ଏପରିକି କିଛି ଜିଲ୍ଲାରେ ଧୀରେ ଧୀରେ କମିବା ଆରମ୍ଭ କରିଛି । ତଥାପି ରାଜ୍ୟରେ ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲକ୍‌ଡାଉନ୍ ଅବଧିକୁ ଆଉ ୧୪ ଦିନ ବୃଦ୍ଧି କରିବାକୁ ନିଷ୍ପତି ନେଇଛନ୍ତି । ଲକ୍ ଡାଉନ୍ ଅବଧି ବୃଦ୍ଧିର ଉଦ୍ଦେଶ୍ୟ ହେଉଛି ଲୋକମାନେ ଘରେ ରହିବେ ଏବଂ ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବ ବୋଲି ମୁଖ୍ୟ ଶାସନ ସଚିବ ଆଶାବ୍ୟକ୍ତ କରିଛନ୍ତି ।

ଏହି ଲକ୍‌ଡାଉନ୍ ରେ ପୂର୍ବରୁ ବଳବତର ଥିବା କଟକଣାକୁ ଅଧିକ କଡ଼ାକଡ଼ି କରିବାକୁ ସରକାର ସ୍ଥିର କରିଛନ୍ତି । ଦ୍ୱିତୀୟ ଦଫାର ଏହି ଲକ୍‌ଡାଉନ୍ ରେ ସୋମବାର ଠାରୁ ଶୁକ୍ରବାର ସକାଳ ୬ଟାରୁ ଦିନ ୧୨ଟା ପରିବର୍ତ୍ତେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ ଓ ଲୋକମାନଙ୍କୁ କିଣାକିଣି ପାଇଁ ଅନୁମତି ମିଳିବ । ସପ୍ତାହାନ୍ତ ସଟ୍ ଡାଉନ୍ କଟକଣା ଜାରି ରହିବ। ବିବାହ, ବ୍ରତ ଓ ଅନ୍ତ୍ୟେଷ୍ଟି କ୍ରିୟା ଆଦିରେ ଥିବା କଟକଣାକୁ ଆହୁରି କଡ଼ାକଡ଼ି କରାଯାଇଛି । ପୂର୍ବରୁ ବିବାହ ପାଇଁ ୫୦ ଜଣଙ୍କୁ ଅନୁମତି ଥିଲା । କିନ୍ତୁ ଏହି ଲକ୍ ଡାଉନ୍ ରେ ୫୦ ପରିବର୍ତ୍ତେ କେବଳ ୨୫ ଜଣ ଲୋକ ଭାଗ ନେଇପାରିବେ । ଏହିସବୁ କାର୍ଯ୍ୟକ୍ରମରେ ଭୋଜିଭାତକୁ ସଂପୂର୍ଣ୍ଣ ବାରଣ କରାଯାଇଛି । ଘରକୁ ଡାକି ଅତିଥିମାନଙ୍କୁ ଭୋଜିଭାତ ଦିଆଯାଇ ପାରିବ ନାହିଁ। ତେବେ ଅତିଥିମାନଙ୍କୁ ପ୍ୟାକେଟ ଜରିଆରେ ଖାଦ୍ୟ ଦିଆଯାଇପାରିବ।

ସେହିପରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟସବୁ ସର୍ବନିମ୍ନ କର୍ମଚାରୀଙ୍କ ଦ୍ୱାରା ଚାଲିବ । ଅତ୍ୟାବଶ୍ୟକ ସେବା ଯଥା ସ୍ୱାସ୍ଥ୍ୟସେବା, କୃଷି କାର୍ଯ୍ୟ, ନିର୍ମାଣ କାର୍ଯ୍ୟ, ଶ୍ରମିକ ପରିବହନ, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଆଦି ପୂର୍ବ ପରି ଚାଲୁ ରହିବ । ଯେଉଁସବୁ କାର୍ଯ୍ୟ ଉପରେ ପୂର୍ବରୁ କଟକଣା ଲଗା ଯାଇଥିଲା ତାହା ଦ୍ୱିତୀୟ ପର୍ଯ୍ୟାୟ ଲକ୍ ଡାଉନ୍ ରେ ମଧ୍ୟ ବଳବତର ରହିବ । ନିହାତି ଆବଶ୍ୟକ ନଥିଲେ କେହି ବାହାରକୁ ନବାହାରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି ଲକ୍ ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସତର୍କ କରିଛନ୍ତି ।

ସେହିପରି ଅତ୍ୟାବଶ୍ୟକ ସେବା ଛଡ଼ା ଅନ୍ୟ ସବୁ ସରକାରୀ ଅଫିସ୍ ଷ୍ଟାଫ୍ କମିବେ। ଅଣଅତ୍ୟାବଶ୍ୟକ ସେବା ସରକାରୀ ଅଫିସ୍ ୧୦% ଷ୍ଟାଫରେ ଚାଲିବ। ଜିଲ୍ଲା ପ୍ରଶାସନ ଓ ଟ୍ରେଜେରୀ ଅଫିସ୍ ରେ ଷ୍ଟାଫ୍ ଯଥେଷ୍ଟ କମାଯିବ। ବେସରକାରୀ ଓ କର୍ପୋରେଟ ଅଫିସ ୩୩% କର୍ମଚାରୀରେ ଚାଲିବ। ପୋଲିସ୍, ହୋମଗାର୍ଡ ଓ ଅଗ୍ନିଶମ କର୍ମଚାରୀଙ୍କ ପାଇଁ କଟକଣା ନାହିଁ।

ଲକ୍ ଡାଉନ୍ ସମୟରେ ଛାତ୍ରଛାତ୍ରୀଙ୍କ ପଢ଼ା ବହି ଦୋକାନ ଖୋଲା ରହିବ। ଏହା ବ୍ୟତୀତ ଇଲେକ୍ଟ୍ରି, ଇଲେକ୍ଟ୍ରୋନିକ୍ସ ମରାମତି ଦୋକାନ , ଏସି, କୁଲର, ୱାଟର ପ୍ୟୁରିଫାୟର ମରାମତି ଦୋକାନ , କଂପ୍ୟୁଟର, ମୋବାଇଲ ମରାମତି ଦୋକାନ, ସିମେଂଟ, ରଡ୍, ଚିପ୍ସ ଆଦି ନିର୍ମାଣ ସାମଗ୍ରୀ ଦୋକାନ ,କେବଳ କ୍ଷୀର ବିକିବାକୁ ଓମଫେଡ ଦୋକାନ ଖୋଲା ରହିବ। ଗ୍ୟାରେଜ ଓ ଗାଡ଼ି ମରାମତି ଦୋକାନ ଖୋଲିବାକୁ ଅନୁମତି ମିଳିବ। ସକାଳ ୫ଟାରୁ ୮ଟା ପର୍ଯ୍ୟନ୍ତ ଖବର କାଗଜ ବିତରଣ ଅନୁମତି ମିଳିବ। ଏହି ସମୟରେ ଟିକାକରଣ ଓ ଟେଷ୍ଟିଂ ଉପରେ କୌଣସି କଟକଣା ରହିବ ନାହିଁ।

ଅପରପକ୍ଷରେ ଲକ୍ ଡାଉନ୍ ସମୟରେ ରାଜ୍ୟ ଭିତରେ ଓ ରାଜ ବାହାରେ ବସ୍ ଚଳାଚଳ ବନ୍ଦ ରହିବ। ମେଳା , ପ୍ରଦର୍ଶନୀ , ସିନେମା ହଲ୍ , ଯାତ୍ରା ପରିବେଶଣ , ସେଲୁନ୍ , ପାର୍ଲର୍ , ଜିମ୍ , ମଲ୍ , ମାର୍କେଟ୍ କମ୍ପ୍ଲେକ୍ସ , ପାର୍କ , ବାର୍ ଆଦି ବନ୍ଦ ରହିବ । ସମସ୍ତ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଂଟର ବନ୍ଦ ରହିବ।

ଉଲ୍ଲେଖ୍ୟଯୋଗ୍ୟ ଯେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିବାରୁ ମେ’ ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ସରକାର ପୁରା ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରିଥିଲେ।

## ଯୋଜନା ବୋର୍ଡ ଉପାଧକ୍ଷଙ୍କ ନବରଙ୍ଗପୁର ଓ ରାୟଗଡ଼ାରେ କୋଭିଡ୍ ପରିଚାଳନାର ସମୀକ୍ଷା-ପରୀକ୍ଷଣ ଓ ଟିକାକରଣକୁ ସୁବ୍ୟବସ୍ଥିତ ଭାବରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର (ପିଏନ୍) ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଂଜୟ କୁମାର ଦାସବର୍ମା ଲୋକସେବା ଭବନରୁ ଭର୍ଚୁଆଲ୍ ମାଧ୍ୟମରେ ରାୟଗଡ଼ା ଓ ନବରଙ୍ଗପୁରରେ ଜିଲ୍ଲା କୋଭିଡ୍ ପରିଚାଳନା ନେଇ ବିସ୍ତୃତ ସମୀକ୍ଷା କରି ପରୀକ୍ଷଣ, ଟିକାକରଣ, ସ୍ୱତନ୍ତ୍ର ରାସନ୍ ବଂଟନ, ମନରେଗା କର୍ମନିଯୁକ୍ତି, ରବି ଫସଲ ସଂଗ୍ରହ ଆଦି କାର୍ଯ୍ୟ ସଂପାଦନ ସମୟରେ କୋଭିଡ୍ ନିୟମର ଅନୁପାଳନ କରିବାକୁ ଉଭୟ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି ।

ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ କୋଭିଡ୍ ମହାମାରୀ ସମୟରେ ସ୍ୱତନ୍ତ୍ର ରାସନ ଯୋଗାଣ ପ୍ରଦାନକୁ ବ୍ୟବସ୍ଥିତ କରିବା ଉପରେ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେଇଛନ୍ତି। ଗ୍ରାମାଂଚଳରେ କର୍ମନିଯୁକ୍ତି ଏବଂ ମନରେଗାରେ ଅଧିକରୁ ଅଧିକ କର୍ମଦିବସ ସୃଷ୍ଟି ଉପରେ ଯୋଜନାବୋର୍ଡ ଉପାଧକ୍ଷ ଗୁରୁତ୍ୱ ଦେଇଥିଲେ ।ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲା କେନ୍ଦ୍ର ସରକାରଙ୍କ ଦ୍ୱାରା ଆକାଂକ୍ଷିତ ଜିଲ୍ଲା ଭାବରେ ଗ୍ରହଣ କରାଯାଇଥିବାବେଳେ ଉଭୟ ଜିଲ୍ଲାପାଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭାବରେ ପତ୍ର ଲେଖି ସମାଧାନ ନିମନ୍ତେ ଜଣାଇବାକୁ ପରାମର୍ଶ ଦେଇଥିଲେ ।ଦୁଇ ଆଦିବାସୀ ବହୁଳ ଜିଲ୍ଲାର ବିଭିନ୍ନ ଅଂଚଳରେ କାର୍ଯ୍ୟଦିବସଗୁଡ଼ିକୁ ଲୋକଙ୍କ ପାଖରେ ପହଂଚାଇବା ସହିତ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଖୁବ୍ ଶୀଘ୍ର ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ମନରେଗା କାର୍ଯ୍ୟକ୍ରମକୁ ସଚଳ କରିବା ପାଇଁ ତୁରନ୍ତ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଶ୍ରୀ ଦାସବର୍ମା ନିର୍ଦ୍ଦେଶ ଦେଇଛନ୍ତି । ନବରଙ୍ଗପୁରର ଛତିଶଗଡ଼ ଓ ରାୟଗଡ଼ାର ଆନ୍ଧ୍ରପ୍ରଦେଶ ସୀମାରେ କୋଭିଡ୍ କଟକଣା କଡ଼ାକଡ଼ି ଭାବରେ ଲାଗୁ କରାଯିବାକୁ ଆଜି ବୈଠକରେ ନିଷ୍ପତି ନିଆଯାଇଥିଲା। ଟିକାକରଣ ଓ ପରୀକ୍ଷଣକୁ ସୁବ୍ୟବସ୍ଥିତ ଢଙ୍ଗରେ କୋଭିଡ୍ ନିୟମ ଅନୁପାଳନ ସହିତ କାର୍ଯ୍ୟକାରୀ କରିବାକୁ ଶ୍ରୀ ଦାସବର୍ମା ନବରଙ୍ଗପୁର ଓ ରାୟଗଡ଼ାର ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ଶ୍ରୀ ଦାସବର୍ମା କୋଭିଡ୍ ଡାକ୍ତରଖାନା , କୋଭିଡ୍ ଯତ୍ନ କେନ୍ଦ୍ର, ଅସ୍ଥାୟୀ ଚିକିତ୍ସା ଶିବିରଗୁଡ଼ିକ ୨୪ ଘଂଟିଆ ବ୍ୟାକଅପ୍ ସିଷ୍ଟମ ଯେଭଳି ରହିବ, ବିଦ୍ୟୁତ ସରବରାହରେ ସେଥିପ୍ରତି ଦୃଷ୍ଟି ଦେବାକୁ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ରହି ଏହି ସମ୍ପ୍ରଦାୟ ମଧ୍ୟରେ ସଂକ୍ରମଣ ବଢୁଥିବାରୁ ଉଭୟ ଜିଲ୍ଲାରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଜନପ୍ରତିନିଧିମାନଙ୍କୁ ସାମିଲ କରିବା ପାଇଁ ଶ୍ରୀ ସାରକା ପରାମର୍ଶ ଦେଇଛନ୍ତି । ଆଲୋଚନାରେ ଭାଗନେଇ ଝରିଗାଁ ବିଧାୟକ ପ୍ରକାଶ ମାଝୀ ରାଇଘର, ପୂଜାରୀପୁଟରେ ସଂକ୍ରମଣ ସଂଖ୍ୟା ବଢୁଥିବାରୁ ଅଧିକ ପରୀକ୍ଷଣ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ।

ଉଭୟ ଜିଲ୍ଲାରେ ପରୀକ୍ଷଣ, ଚିକିତ୍ସା ଏବଂ ଗ୍ରାମାଂଚଳରେ ବଢୁଥିବା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ଆଦିମ ଜନଜାତି ସଂପ୍ରଦାୟଙ୍କୁ ଅଧିକରୁ ଅଧିକ କୋଭିଡ୍ ପରୀକ୍ଷଣ ପାଇଁ ବୈଠକରେ ଶ୍ରୀ ଦାସବର୍ମା ପରାମର୍ଶ ଦେଇଛନ୍ତି ।

ଏହି ବୈଠକରେ ସଂପୃକ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରାଜ୍ୟରେ କୋଭିଡ ସ୍ଥିତି ନିୟନ୍ତ୍ରଣାଧୀନ - ମୁଖ୍ୟମନ୍ତ୍ରୀ

# ରୋଗୀଙ୍କ ଅବସ୍ଥା ସଂପର୍କରେ ସଂପର୍କୀୟଙ୍କୁ ସଠିକ ସୂଚନା ଦେବାକୁ ନିର୍ଦ୍ଦେଶ

- ଦିନକୁ ୭୦ ହଜାର ଟେଷ୍ଟିଂ କରାଯିବ
- ୩୬୮ଟି ଆଇସିୟୁ ବେଡ୍ ବୃଦ୍ଧି କରାଯିବ
- ରାଜ୍ୟରେ ଆଉ ପ୍ଲାଜମାଥେରାପି କରାଯିବ ନାହିଁ

ଭୁବନେଶ୍ୱର(ପିଏନ୍) ରାଜ୍ୟରେ କୋଭିଡ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ଅଛି ।ରାଜ୍ୟରେ ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟା ନୂଆ ଚିହ୍ନଟ ହେଉଥିବା ରୋଗୀଙ୍କ ଠାରୁ ଅଧିକ ରହୁଛି । ଗତ ସପ୍ତାହରୁ କେତେକ ଜିଲ୍ଲାରେ ସଂକ୍ରମଣ କମିବା ମଧ ଆରମ୍ଭ କରିଛି । ରାଜ୍ୟରେ ପଜିଟିଭ୍ ହାର ମଧ କମିଛି । ଏ ସବୁ ପାଇଁ ଲକ୍‌ଡାଉନ ଓ ଲୋକଙ୍କ ମଧ୍ୟରେ ସଚେତନତାକୁ ଶ୍ରେୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଂଧ୍ୟାରେ ରାଜ୍ୟରେ କୋଭିଡ ସ୍ଥିତ ସର୍ମ୍ପକରେ ସମୀକ୍ଷା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତକାଲି ସର୍ବଦଳୀୟ ବୈଠକରେ ଘୋଷଣା କରିଥିବା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀତା ସହିତ ରୋଗୀଙ୍କ ଅବସ୍ଥା ସଂପର୍କରେ ସଂପର୍କୀୟଙ୍କୁ ସଠିକ ସୂଚନା ଦେବା ଏବଂ ଟିକାକରଣ କେନ୍ଦ୍ରମାନଙ୍କରେ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏଥିସହ ଆଗାମୀ ସପ୍ତାହ ମଧ୍ୟରେ ଟେଷ୍ଟ ସଂଖ୍ୟା ୭୦ ହଜାରକୁ ବୃଦ୍ଧି କରାଯିବ ବୋଲି ସେ କହିଥିଲେ।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ସଂକ୍ରମଣ କମିବାରେ ଲାଗିଛି। ଓଡିଶାରେ ସଂକ୍ରମଣ ମଇ ୧୩ ତାରିଖରେ ସର୍ବାଧିକ ହୋଇଥିଲା ଏବଂ ତା ପରଠାରୁ ଏହା କମିବାରେ ଲାଗିଛି । ଆମର ପଜିଟିଭିଟି ରେଟ୍ ଗତ ସପ୍ତାହରେ ୨୧ ପ୍ରତିଶତ ଥିବାବେଳେ ଏବେ ଏହା ୧୮ ପ୍ରତିଶତକୁ କମିଛି। ଟେଷ୍ଟ ସଂଖ୍ୟା ବୃଦ୍ଧି ପାଇବା ସତ୍ୱେ, ପଜିଟିଭିଟି କମିବା ଏକ ଭଲ ସୂଚନା । ଆଗାମୀ ସପ୍ତାହ ମଧ୍ୟରେ ଟେଷ୍ଟ ସଂଖ୍ୟା ୭୦ ହଜାରକୁ ବୃଦ୍ଧି କରାଯିବ । ମୃତ୍ୟୁହାର ୦.୪୦ରୁ କମି ୦.୩୭ ହୋଇଛି। ଗତ ୧୫ ଦିନର ମୃତ୍ୟୁହାରକୁ ଲକ୍ଷ୍ୟ କଲେ ଏହା ୦.୧୬ ଅଛି, ଯାହାକି ସାରା ଭାରତରେ ସର୍ବନିମ୍ନ । ରାଜ୍ୟରେ ଆଇସିୟୁ ବେଡ୍ ର ସଂଖ୍ୟା ବୃଦ୍ଧି କରାଯାଇଛି ଏବଂ ଖୁବ୍ ଶୀଘ୍ର ଆଉ ୩୬୮ଟି ଆଇସିୟୁ ବେଡ୍ ର ବ୍ୟବସ୍ଥା କରାଯିବ। ରାଜ୍ୟରେ ଆଉ ପ୍ଲାଜମାଥେରାପି କରାଯିବ ନାହିଁ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ଯଦି ସମସ୍ତେ କୋଭିଡ ନିୟମ ମାନି ମାସ୍କ ପିନ୍ଧିବା, ବାରମ୍ବାର ସାବୁନରେ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ଅନାବଶ୍ୟକ ଭାବରେ ବାହାରେ ବୁଲିବା ବନ୍ଦ କରିଦେବା, ତେବେ ଆମେ ନିଶ୍ଚୟ ଏହି ଲଢେଇ ଜିତିପାରିବା।

ଗତକାଲି ସର୍ବଦଳୀୟ ବୈଠକରେ ଘୋଷଣା କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡ ଯୋଗୁ ଅନେକ ପରିବାର ଛାରଖାର ହୋଇଯାଇଛି। ତେଣୁ କୋଭିଡ ମୃତକଙ୍କ ବିଧବା ଏବଂ ବାପା-ମା’ଙ୍କୁ ହରାଇଥିବା ପିଲାମାନେ ଯେପରି ତୁରନ୍ତ ସହାୟତା ପାଇପାରିବେ, ସେଥିପାଇଁ ତୁରନ୍ତ ପଦକ୍ଷେପ ନେବା କୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସଂକ୍ରମଣ ରୋକିବାକୁ ମଇ ୨୪ ରୁ ଆରମ୍ଭ ହେବାକୁ ଥିବା ସର୍ଭେ ଯେପରି ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ, ତାକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ପଂଚାୟତ ଓ ଗାଁ କଲ୍ୟାଣ ସମିତି ମାନଙ୍କୁ ସକ୍ରିୟ ଭାବେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

କୋଭିଡରେ ପୀଡିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସଂପର୍କୀୟ ମାନେ ରୋଗୀଙ୍କ ଅବସ୍ଥା ସଂପର୍କରେ ଯେପରି ସଠିକ ସୂଚନା ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ହେଲ୍ପ ଡେସ୍କ ବ୍ୟବସ୍ଥାରେ ଉନ୍ନତି ଆଣିବା ସହିତ ନିୟୋଜିତ କର୍ମଚାରୀମାନଙ୍କୁ ମାନବିକ ଦୃଷ୍ଟିଭଙ୍ଗୀ ନେଇ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଟିକାକରଣ କେନ୍ଦ୍ର ମାନଙ୍କରେ ସାମାଜିକ ଦୂରତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

କୋଭିଡ ସଂକ୍ରମଣ ରୋକିବାରେ ଠିକ୍ ଭାବରେ ମାସ୍କ ପିନ୍ଧିବାର ବିଶେଷ ଗୁରୁତ୍ୱ ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହା ଉପରେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇ ଥିଲେ ।

ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଆଉ ଦୁଇ ସପ୍ତାହ ପାଇଁ ଏହାର ଅବଧିକୁ ବଢାଯାଇଛି ଏବଂ ଏହାକୁ କଡାକଡି ଭାବରେ କାର୍ଯ୍ୟକାରୀ କରାଯିବ।

ରାଜ୍ୟର କୋଭିଡ ପରିସ୍ଥିତି ଉପରେ ଉପସ୍ଥାପନା ରଖି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କହିଥିଲେ ଯେ ସାରା ଦେଶରେ ବର୍ତମାନ କୋଭିଡ ସଂକ୍ରମଣ କମିବାରେ ଲାଗିଛି।

ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ରାଜ୍ୟରେ ଲକ୍‌ଡାଉନ ଓ ବିଭିନ୍ନ କୋଭିଡ୍ ଗାଇଡଲାଇନର ଅନୁପାଳନ ପାଇଁ ପୋଲିସର ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଓଡିଶାରୁ ଅନ୍ୟ ରାଜ୍ୟକୁ ବର୍ତମାନ ସୁଦ୍ଧା ୮୬୮ଟି ଟ୍ୟାଙ୍କର ଜରିଆରେ ୧୫୯୧୨ ମେଟ୍ରିକ ଟନ୍ ଅକ୍‌ସିଜେନ ପଠାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଏମ୍. ଅକ୍ଷୟ କହିଥିଲେ ଯେ ଅଗ୍ନି ସୁରକ୍ଷା ପାଇଁ ୬୨ଟି କୋଭିଡ ହସ୍‌ପିଟାଲରେ ଅଗ୍ନିଶମ ସେବା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

ବୈଠକରେ ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲାର ଅବଜରଭର ଶ୍ରୀ ନିକୁଞ୍ଜ ବିହାରି ଧଳ, କଳାହାଣ୍ଡି-ନୂଆପଡାର ଅବଜରଭର ଶ୍ରୀ ସତ୍ୟବ୍ରତ ସାହୁ, ଅନୁଗୁଳ-ଢେଙ୍କାନାଳର ଅବଜରଭର ଶ୍ରୀ ବିଷ୍ଣୁପଦ ସେଠୀ, ଅନୁଗୁଳ, କେନ୍ଦୁଝର ଓ ମୟୁରଭଂଜର ଜିଲ୍ଲାପାଳ, କଟକ ଓ ଭୁବନେଶ୍ୱର ମ୍ୟୁନିସପାଲ କମିଶନର ମାନେ ସେମାନଙ୍କ ଜିଲ୍ଲାରେ କୋଭିଡ ପରିଚାଳନା ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ସଂଚାଳନ କରିଥିଲେ।

# କେନ୍ଦ୍ରାପଡା ଜିଲ୍ଲା ପାଇଁ କୋଭିଡ କଟକଣା ଜାରିକଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ ମହାମାରୀ ଦ୍ୱିତୀୟ ଲହର ଦୃତ ସଂକ୍ରମଣ ରୋକିବା ନିମି□ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିଛନ୍ତି । ସେହି ଆଧାରରେ କେନ୍ଦ୍ରାପଡା ଜିଲ୍ଲାରେ କୋଭିଡ ନିୟମ ଅନୁପାଳନ ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶାନୁଯାୟୀ ଯାତ୍ରା, ରଙ୍ଗମ□, ବିବାହ ଶୋଭାଯାତ୍ରା ଓ ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିଷିଦ୍ଧ କରାଯାଇଛି। ଏହି ନିଷେଧାଦେଶକୁ ଅବମାନନା କରୁଥିବା ବ୍ୟକ୍ତି ବା ସଂସ୍ଥା ଗୁଡିକ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସିନେମାହଲ ଓ ଥିଏଟର ୫୦ପ୍ରତିଶତ ଦର୍ଶକରେ କୋଭିଡ ନିୟମ ଅନୁପାଳନ ପୂର୍ବକ ଖୋଲାଯାଇପାରିବ । ବିବାହ ଉତ୍ସବରେ ୫୦, ଶବସଂସ୍କାର ଓ ଶୁଦ୍ଧିକ୍ରିୟାରେ ୨୦ରୁ ଅଧିକ ସାମିଲ କରାଯାଇପାରିବ ନାହିଁ । ବିବାହ ଓ ଶୁଦ୍ଧିକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ତାଲିକା ସଂପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟରେ ୨୪ଘ□। ପୂର୍ବରୁ ଦାଖଲ ହେବା ଆବଶ୍ୟକ । ଉତ୍ସବ ସ୍ଥଳର ସୁଦୃଶ୍ୟ ସ୍ଥାନରେ ୧୦ଫୁଟ ଦୂରତାରୁ ପଢିହେବା ଭଳି ସେହି ତାଲିକାଟି ଲଗାଯିବ । ତାଲିକାରେ ନାମ ନଥିବା ବ୍ୟକ୍ତି ସେହି ସ୍ଥାନରେ ଉପସ୍ଥିତ ଥିଲେ ଆମନ୍ତ୍ରଣ କରିଥିବା ବ୍ୟକ୍ତି ଓ ସ୍ଥାନ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆମନ୍ତ୍ରିତ ବ୍ୟକ୍ତିମାନଙ୍କର ଥର୍ମାଲ ସ୍କାନିଂ,ହାତଧୋଇବା, ସାନିଟାଇଜ ହେବା ଓ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା ବ୍ୟବସ୍ଥା ଆମନ୍ତ୍ରଣ କରୁଥିବା ବ୍ୟକ୍ତି ବା ସ୍ଥାନର ମାଲିକ କରିବେ। ଧାର୍ମିକ ଅନୁଷ୍ଠାନ ଗୁଡିକର ମୁଖ୍ୟ ସେମାନଙ୍କ ଅନୁଷ୍ଠାନକୁ ଯାଇଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ବ୍ୟବସ୍ଥା କରିବେ । କେବଳ ପରିବାର ଲୋକଙ୍କୁ ନେଇ ଜନ୍ମଦିନ, ବ୍ରତୋପନୟନ, ଏକୋଇଶା, ବାର୍ଷିକୀ ଆଦି ଉତ୍ସବ ନିଜ ଘରେ ବିନା ଭୋଜି ଭାତରେ କରାଯିବ । ହାଟ, ବଜାର ଓ ମାଛ ମାର୍କେଟ ପ୍ରଭୃତି ସ୍ଥାନରେ ଦୋକାନରୁ ଦୋକାନର ଦୂରତା ୩୦ଫୁଟ ରହିବା ସହ ବିକ୍ରେତା ଓ କ୍ରେତା ଉଭୟ ୬ଫୁଟ ବ୍ୟବଧାନରେ କାରବାର କରିବେ ଓ ବାଧ୍ୟତାମୂଳକ ମାସ୍କ ପରିଧାନ କରିବେ । ସଂପୃକ୍ତ ଅ□ଳର ତହସିଲଦାର ଓ ଭାରପ୍ରାପ୍ତ ଥାନା ଅଧିକାରୀ ଏ ସଂକ୍ରାନ୍ତରେ ସ୍ଥାନ ନିରୂପଣ କରିବେ । ସପିଂମଲ ଗୁଡିକ ସୀମିତ ଗ୍ରାହକଙ୍କୁ ନେଇ ଖୋଲି ପାରିବେ । ମଲର ମାଲିକମାନେ ଆସୁଥିବା କ୍ରେତାମାନଙ୍କର ଶରୀର ତାପମାତ୍ରା ସ୍କ୍ରିନିଂ କରିବା ସହ ସଠିକ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ପ୍ରତି ଧ୍ୟାନ ଦେବେ । ହୋଟେଲ ବା ଜଳଖିଆ ଦୋକାନରେ ଟେବୁଲରେ ବସି ଖାଇବା ବ୍ୟବସ୍ଥା ରହିବ ନାହିଁ। କେବଳ ପାର୍ସଲରେ ଖାଦ୍ୟ ବିକ୍ରୟ କରାଯାଇପାରିବ । ମଲ ଆଗରେ ଭିଡ ନହେବା ଦିଗରେ ମାଲିକମାନେ ଦୃଷ୍ଟି ଦେବେ । ବ୍ୟବସାୟ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ବାଧ୍ୟତାମୂଳକ ମାସ୍କ ପରିଧାନ କରିବେ । ଦୋକାନ ମାଲିକ ଓ ବ୍ୟବସାୟୀ ସଙ୍ଘ କର୍ମକ□ାଙ୍କର ଏହା ଉ□ରଦାୟିତ୍ୱ ରହିବ । ଦୋକାନକୁ ଆସୁଥିବା ସମସ୍ତ ବ୍ୟକ୍ତି ସଠିକ ଭାବେ ମାସ୍କ ପିନ୍ଧିବା ଓ ୬ଫୁଟ ଦୂରତା ରକ୍ଷା କରିବା ଦିଗରେ ସଂପୃକ୍ତ ଦୋକାନ ମାଲିକ ଦୃଷ୍ଟି ଦେବା ସହ ସ୍ଥାନ ନିରୂପଣ କରିବେ । ଦୋକାନ ପ୍ରବେଶ ପୂର୍ବରୁ ଗ୍ରାହକମାନଙ୍କ ପାଇଁ ହାତଧୋଇବା, ସାନିଟାଇଜର ଓ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା ସଂପୃକ୍ତ ଦୋକାନି କରିବେ । ଦୋକାନ ଭିତରେ ଅଧିକ ଗହଳିକୁ ବରଦାସ୍ତ କରାଯିବ ନାହିଁ । ଏଭଳି ହେଲେ ସଂପୃକ୍ତ ଦୋକାନିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆବଶ୍ୟକସ୍ଥଳେ ସେମାନଙ୍କ ଦୋକାନକୁ ବନ୍ଦ କରାଯିବା ସହ ଲାଇସେନ୍ସ ରଦ୍ଦ କରାଯିବ । ଦୈନିକ ହାଟ, ବଜାର ଓ ମାଛ ମାର୍କେଟରେ ସଂପୃକ୍ତ ବ୍ୟବସାୟୀମାନେ ବାରିକେଡ କରି ବ୍ୟବସାୟ କରିବେ । ୬ଫୁଟ ଦୂରତାରେ ଗ୍ରାହକମାନେ ଛିଡା ହେବା ନିମି□ ସ୍ଥାନ ନିରୂପଣ କରିବେ । ହୋଟେଲରେ ରହୁଥିବା ବ୍ୟକ୍ତିମାନଙ୍କ ବ୍ୟତିତ ବାହାର ଲୋକଙ୍କୁ ଅନୁମତି ଦିଆଯିବ ନାହିଁ କିମ୍ବା ଟେବୁଲରେ ବସି ଖାଇବାର ଅନୁମତି ନାହିଁ । ମାତ୍ର ହୋଟେଲ ମାଲିକ ଅନଲାଇନରେ ଖାଦ୍ୟ ଯୋଗାଇଦେଇପାରିବେ । ସେହିପରି ରାସ୍ତାକଡରେ ଖାଦ୍ୟ ଦୋକାନୀମାନେ ଦୋକାନ ଆଗରେ ଖାଇବାକୁ ନଦେଇ କେବଳ ପାର୍ସଲ ଦେଇପାରିବେ । ଯାତ୍ରୀବାହୀ ଡଙ୍ଗାଗୁଡିକ ୫୦ପ୍ରତିଶତ ଯାତ୍ରୀଙ୍କୁ ନେଇ ଚଳାଚଳ କରିବେ । ସମସ୍ତ କ୍ଷେତ୍ରରେ କୋଭିଡ ନିୟମ କଡାକଡି ଭାବେ ଅନୁପାଳିତ ହେବ । ଏଥିରେ ବ୍ୟତିକ୍ରମ କରୁଥିବା ବ୍ୟକ୍ତି ବା ସଂସ୍ଥାଗୁଡିକ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କେନ୍ଦ୍ରାପଡା ଜିଲ୍ଲାର ଜନସାଧାରଣ କୋଭିଡ ନିୟମ ଅନୁପାଳନ ପୂର୍ବକ ଜିଲ୍ଲାରେ କୋଭିଡ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଛନ୍ତି ।

# ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେ□ରେ କୋଭିଡ ସଚେତନତା ୱେବିନାର

ବାରିପଦା (ପିଏନ୍): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେ□ର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦ୍ୱିତୀୟ ଲହର କୋଭିଡ -୧୯ ଟିକାକରଣ ସଚେତନତା ବିଷୟରେ ଏକ ୱେବିନାର ମିଟିଂ ତା. ୧୮.୦୫.୨୦୨୧ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜାତୀୟ ସେବା ଯୋଜନା ଅ’ର୍ଗତ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସ୍ୱେଚ୍ଛାସେବୀ ଲିପ୍ସା ନନ୍ଦ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ମଂଚ ପରିଚାଳନା କରିଥିଲେ । କଲେଜର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ନାୟକ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଡକ୍ଟର ପ୍ରଣବ ଶଙ୍କର ଦାଶ ଯୋଗଦାନ କରି କୋଭିଡ ଉପରେ ବିଜୟ ଲାଭ କରିବା ପାଇଁ ଉପଦେଶ ଦେଇଥିଲେ । ଏନ.ଏସ.ଏସ. ରିଜିଓନାଲ




ଡାଇରେକ୍ଟର ସୁଶ୍ରୀ ସରିତା ପଟେଲ ବା□ା ମାଧ୍ୟମରେ ଏନ.ଏସ.ଏସ.କୁ ମଜବୁତ କରିବା ପାଇଁ ପ୍ରେରଣା ଦେଇଥିଲେ ।ଏନ.ଏସ.ଏସ.ର ଏସ.ଏନ.ଓ ଡକ୍ଟର ରମେଶ ଚନ୍ଦ୍ର ବେହେରା ବା□ା ମାଧ୍ୟମରେ ସମସ୍ତଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଅଧ୍ୟାପକ, ଏନ.ଏସ.ଏସ, ଓୟୁଏଟିର ଶ୍ରୀଯୁକ୍ତ ନିରୋଦ ବରଣ ଖୁ□ଆ ତାଙ୍କର ଅମୂଲ୍ୟ ବିଂଶସୂତ୍ରୀ ଉପଦେଶ ମାଧ୍ୟମରେ ଜନମାନସକୁ ନିରୋଗ ତଥା ସୁସ୍ଥ ରଖିବାକୁ ପ୍ରେରଣା ଦେଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ ଦାସ ଯୋଗଦାନ କରି ବ୍ରେକ ଦି ଚେନ, ମେକ ଦି ଚେନ କିପରି ସଫଳ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ସେବା ଯୋଜନା ଅଧିକାରୀ ଡକ୍ଟର ସ୍ମୃତି ରଂଜନ ଦାଶ ଯୋଗଦାନ କରି କରୋନାପରି ଆତଙ୍କ ସମୟରେ ୱେବିନାର ମାଧ୍ୟମରେ ଜଣାଇଥିଲ ଯେ ମନକୁ ଦୃଢ ରଖି ( ସାମାଜିକ ଦୂରତ୍ୱ ପାଳନ, ମାସ୍କ ପରିଧାନ, ସାନିଟାଇଜର ମାଧ୍ୟମରେ ନିଜକୁ କରୋନାରୁ ମୁକ୍ତ ରଖିପାରିବା । କପ୍ତିପଦା ଡିଗ୍ରୀ କଲେଜ, ନୂଆସାହିର ଜାତୀୟ ସେବା ଯୋଜନା ଅଧିକାରୀ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ଶ୍ରୀମାନ ସଯ କୁମାର ସେନାପତି ଯୋଗଦାନ କରି ଅତି ଆବଶ୍ୟକ ନ ଥିଲେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦେଇଥିଲେ । ଭବିଷ୍ୟତରେ ଏକାଠି ବ□ିବାକୁ ହେଲେ ବ□ମାନ ଦୂରତ୍ୱ ରକ୍ଷା କରିବା ନିତ୍ୟା‘ ଆବଶ୍ୟକ । ତେଣଉ ଏ ସବୁ ବା□ା ଗ୍ରାମା□ଳରେ ପହ□ିବା ଦ୍ୱାରା ସଚେତନତା ସୃଷ୍ଟି ହୋଇପାରିବ । ଅନଲାଇନ ବା ଦୂର ସଂଚାର ମାଧ୍ୟମରେ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମର ସ□ାଳକ ଅଧିକାରୀ ରିଜିଓନାଲ ଡାଇରେକ୍ଟର ଅଫିସର ନିଖିଲ ପାଣିଗ୍ରାହୀ ଯୋଗଦାନ କରି ଏହି କାର୍ଯ୍ୟକ୍ରମର ଉପାଦେୟତା ବ□ମାନ ପରି ଆତଙ୍କ ସମୟରେ ନିଶ୍ଚୟ ସଚେତନତା କରାଇବ ବୋଲି ମତ ପ୍ରକାଶ କରିଥିଲେ । ଏମ.ସି.ଏ.ଏମ.ର ଅନ୍ୟତମ ସେବା ଯୋଜନା ଅଧିକାରୀ ବିଜୟା ନାୟକ ଶାରୀରିକ ବ୍ୟାୟାମ ମାଧ୍ୟରେ ଶରୀରକୁ ସୁସ୍ଥ ରଖି କରୋନା ଉପରେ ବିଜୟ ଲାଭ କରାଯାଇ ପାରିବ ବୋଲି ମତ ରଖିଥିଲେ । ଶେଷରେ ଏମ.ସି.ଏ.ଏମ.ର ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି ୱେବିନାର ମିଟିଂରେ ଉପସ୍ଥିତ ସମସ୍ତ ଅତିଥି, ଯୋଗଦାନ କରିଥିବା ସଜ୍ଜନମଣ୍ଡଳୀ ତଥା ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ମେ ୨୦

# ସବୁଜ ବିପ୍ଳବ ପାଇଁ ଉଦ୍ୟମ

ଗତ କିଛିବର୍ଷହେଲା ଓଡ଼ିଶା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା ପୂର୍ଣ୍ଣ କରିବା ସମ୍ଭବ ହେଉ ନଥିବାରୁ ଅସନ୍ତୋଷ ବଢୁଛି । ଆଳୁ, ପିଆଜ, ମାଛ, ଅଣ୍ଡା, ପରିବା ଫଳ ଇତ୍ୟାଦିର ମୂଲ୍ୟ ବୃଦ୍ଧି ଲାଗି ରହିଛି । ପୂର୍ବରୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ୍ ଏପରି ଘନ ଘନ ପରିବ□ନ ହେଉନଥିଲା । ଏହାର ଗୋଟିଏ କାରଣ ଏୟା ହୋଇପାରେ ଯେ ରାଜ୍ୟବାସୀଙ୍କ ଉପାର୍ଜନ ବଢ଼ିବା ସହିତ ଖାଉଟି ସାମଗ୍ରୀର ଚାହିଦା ବଢୁଛି । ଯେଉଁମାନେ ଲୁଣ, ଲଙ୍କା, ବ୍ୟବହାର କରି ପଖାଳ ଖାଇ ଚଳି ଯାଉଥିଲେ, ସେମାନଙ୍କ ହାତକୁ ଅଧିକ ଉପାର୍ଜନ ଆସୁଥିବାରୁ ସେମାନଙ୍କ ଖାଇବା ଶୈଳୀରେ ପରିବ□ନ ହୋଇଛି । ବିଶେଷକରି ଗରିବ, ସେମାନଙ୍କ ଉପରେ ଥିବା ନିମ୍ନମଧ୍ୟବି□ ଓ ମଧ୍ୟବି□ମାନଙ୍କ ଜୀବନ ଶୈଳୀର ଆଖିଦୃଶିଆ ପରିବ□ନ ହୋଇଛି । ଏପରିକି ମୟୁରଭଞ୍ଜ, କେନ୍ଦୁଝର, କୋରାପୁଟ, ରାୟଗଡ଼ା ପରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ବାସ କରୁଥିବା ଆଦିବାସୀମାନଙ୍କ ରୋଜଗାର ବଢ଼ିଛି । କୃଷି କ୍ଷେତ୍ରରେ ପୂର୍ବେ ୭୦ ବା ୮୦ ପ୍ରତିଶତ ଗ୍ରାମା□ଳ ଲୋକ ନିର୍ଭର କରୁଥିଲେ । ଗତ ପନ୍ଦର କୋଡ଼ିଏ ବର୍ଷ ଧରି ଶିଳ୍ପ ବିସ୍ତାର ସହିତ ଖଣି ଖାଦାନର ଉପଯୋଗ ବୃଦ୍ଧି ପାଇଛି । ଭି□ଭୂମିର ବିକାଶ ହେବା ଯୋଗୁଁ ଗ୍ରାମା□ଳ ପୂର୍ବ ପରି ଅଗମ୍ୟ ବା ଦୁର୍ଗମ ହୋଇ ରହିନାହିଁ । ସମସ୍ତ ଗ୍ରାମ ସହିତ ସଡ଼କ ଓ ବିଦ୍ୟୁତ୍ ସଂଯୋଗ ନଥିଲେ ମଧ୍ୟ ପ୍ରାୟ ଷାଠିଏ ପ୍ରତିଶତ ଗ୍ରାମ ସହିତ ସଡ଼କ ଓ ବିଦ୍ୟୁତ୍ ସଂଯୋଗ ହେଲାଣି । ଏହାଦ୍ୱାରା ଗମନାଗମନରେ ବିକାଶ ହୋଇଛି ଏବଂ ଗତିଶୀଳତା ବୃଦ୍ଧି ପାଇଛି । ଏକାଦଶ ଯୋଜନାରେ ମୁଣ୍ଡପିଛା ଉପାର୍ଜନ ପନ୍ଦର ହଜାର ପ୍ରାୟ ଥିଲାବେଳେ ଦ୍ୱାଦଶ ଯୋଜନାରେ ଏହା ପ୍ରାୟ ତେଇଶ ହଜାର ହୋଇଛି । ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ପ୍ରାୟ ୬୫% ଲୋକ ସାକ୍ଷର । ତ୍ରିପୁରା ଓ କେରଳ ପରି ରାଜ୍ୟରେ ସାକ୍ଷରତା ହାର ପ□ାନବେ ପ୍ରତିଶତର ପାଖାପାଖି ଥିବାବେଳେ ଓଡ଼ିଶାର ସାକ୍ଷରତା ପଛରେ ପଡ଼ିଛି । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଯେ ନିଯୁକ୍ତି ତାଲିକାରେ ପ୍ରାୟ ୧୨ଲକ୍ଷ ସାକ୍ଷର ଲୋକଙ୍କ ନାମ ଥିଲେ ମଧ୍ୟ ବର୍ଷକୁ ଲକ୍ଷେ ଲୋକ ନିଯୁକ୍ତି ପାଉନାହାନ୍ତି । ଏମାନଙ୍କୁ ଯଦି ଧନ୍ଦା କରିବା ପାଇଁ କୌଶଳ ଶିକ୍ଷା ଦିଆଯାଏ ତେବେ ଏମାନଙ୍କ ଉପାର୍ଜନ ଆହୁରି ବଢ଼ିବ । ଓଡ଼ିଶାର ଦ୍ୱାଦଶ ପ□ବାର୍ଷିକ ଯୋଜନା ବ୍ୟୟ ୬୦ ହଜାର ହେଲାଣି । ଦ୍ୱାଦଶ ଯୋଜନାରେ ଯଦି ଶିଳ୍ପ ଓ ଧନ୍ଦା ଶିକ୍ଷା ସହିତ କୃଷି ଓ ଏହାର ଆଧୁନୀକରଣ ଉପରେ ଗୁରୁତ୍ୱ ଦିଆଯାଏ ତେବେ ଶିଳ୍ପ ବିକାଶ ସହିତ କୃଷିର ବିକାଶ ଦ୍ରୁତତର ହେବ । କୃଷି ବିଭାଗ କାର୍ଯ୍ୟ କେବଳ ଫାଇଲ ଭିତରେ ସୀମାବଦ୍ଧ । ଚାହିଦାକୁ ଚାହିଁ ରାଜ୍ୟର ଉତ୍ପାଦନ ଓ ଯୋଗାଣ ବ୍ୟବସ୍ଥା ତାଳ ଦେଇପାରୁନଥିବାରୁ ଆଳୁ, ପିଆଜ, ମାଛ, ଅଣ୍ଡା, ଡାଲି, ଫଳ ଓ ପରିବା ପରି ସାଧାରଣ ଖାଦ୍ୟଦ୍ରବ୍ୟ ଦୁର୍ଲଭ ହେଉଛି । ସରକାରଙ୍କ ଯୋଜନା ଅନୁସାରେ ଆସନ୍ତା କିଛିବର୍ଷ ମଧ୍ୟରେ କେବଳ କୋରାପୁଟରୁ ୫ଲକ୍ଷ ଟନ୍ ଆଳୁ ଉତ୍ପାଦିତ ହେବ । ଏହା ଯଦି ସଫଳ ହୁଏ ତେବେ କୃଷି ବିଭାଗ ପ୍ରଶଂସାଭାଜନ ହେବ । ସେହିପରି ପିଆଜ ଉତ୍ପାଦନ ବୃଦ୍ଧି ପାଇଁ ଏବଂ ମାଛ, କୁକୁଡ଼ା ଚାଷ, ପରିବା ଚାଷ ପ୍ରତି ଗୁରୁତ୍ୱ ଦେଲେ ଦୁଇ/ଚାରିବର୍ଷ ମଧ୍ୟରେ ଓଡ଼ିଶା ଏସବୁ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବ । ମାଛ, ଅଣ୍ଡା, ପରିବା, ଫଳ ଇତ୍ୟାଦି ଆନ୍ଧ୍ରରୁ ନ ଆସିଲେ ଓଡ଼ିଶା ବଜାରରେ ଦୁଷ୍ପ୍ରାପ୍ୟଜନିତ ମୂଲ୍ୟବୃଦ୍ଧି ହୁଏ । ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ପ୍ରଭୃତିରୁ ଏବଂ ମହାରାଷ୍ଟ୍ରରୁ ଅନେକ ଫଳମୂଳ, ଖାଦ୍ୟସାମଗ୍ରୀ ଆମଦାନୀ କରାଯାଉଛି । ଯନ୍ତ୍ରପାତି ନଥିବାରୁ କୃଷିର ଆଧୁନିକୀକରଣ ହୋଇନାହିଁ । ଶିଳ୍ପ ବିକାଶ ଯୋଗୁଁ ଏବେ ଆଉ ୭୦% ଲୋକ କୃଷି ଉପରେ ନିର୍ଭର କରୁନାହାନ୍ତି । ଏଇ ସଂଖ୍ୟା ୬୦%କୁ କମି ଆସିଛି । ଏହା ସହିତ ଲୋକମାନଙ୍କ ରୋଜଗାର ବଢ଼ିଛି ଏବଂ କୃଷି କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହେଲେ ସାଧାରଣ ଲୋକଙ୍କ ଜୀବନ ଶୈଳୀରେ ଦୃଢ଼ ପରିବ□ନ ହେବ । କେବଳ ବୃହତ ଶିଳ୍ପ ସ୍ଥାପନ ଦ୍ୱାରା ବେକାରୀ ସମସ୍ୟାର ସମାଧାନ ହେବ ନାହିଁ । କ୍ଷୁଦ୍ର ଶିଳ୍ପ ଓ ବିଭିନ୍ନ ଧନ୍ଦାର ବିକାଶ କଲେ ଗେଞ୍ଜି, ଗାମୁଛା ଓ ଅନ୍ୟାନ୍ୟ କମ୍ ଦରର ଫ୍ରକ୍, ଚାଦର, ପରଦା, ପ୍ଲାଷ୍ଟିକ୍ ସାମଗ୍ରୀ, କୃଷି ସାମଗ୍ରୀ ଏବଂ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ପ୍ରଭୃତି ଓଡ଼ିଶାରେ ଉତ୍ପାଦିତ ହେଲେ ବେକାରୀ ସଂଖ୍ୟା ହ୍ରାସ ପାଇବ ଏବଂ ବାହାର ରାଜ୍ୟ ଆମ ବଜାରକୁ ଦଖଲ କରି ମାଲେମାଲ ହେବେ ନାହିଁ । କିନ୍ତୁ ଏଥିପାଇଁ ସୁଚିନ୍ତିତ ପରିକଳ୍ପନା ଲୋଡ଼ା । ଦାଦନ ଖଟୁଥିବା ଲକ୍ଷାଧିକ ଗରିବ ଓଡ଼ିଶାବାସୀଙ୍କୁ ବାହାର ରାଜ୍ୟକୁ ବ□ିବା ପାଇଁ ଯିବା ପାଇଁ ବାଧ ନକରି ସେମାନଙ୍କୁ ରାଜ୍ୟ ଭିତରେ କୌଶଳ ଶିକ୍ଷା ଦେଇ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଉପାଦନ କରିବା ପାଇଁ ସକ୍ଷମ କଲେ ଓଡ଼ିଶା ପା□ ବର୍ଷରେ ସ୍ୱାବଲମ୍ବୀ ରାଜ୍ୟରେ ପରିଣତ ହେବ । ବାହାର ରାଜ୍ୟରେ ଲକ୍ଷ ଲକ୍ଷ ଓଡ଼ିଶାବାସୀ ଶ୍ରମ କରି ସେ ସବୁ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରୁଥିବାବେଳେ ନିଜ ରାଜ୍ୟରେ ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବାପାଇଁ କିଛି ଫଳପ୍ରଦ ଯୋଜନା ନକରିବା ଗଭୀର ଲଜ୍ଜା ଓ ପରିତାପର ବିଷୟ ।

## ଆଜିର ଅନୁଚିନ୍ତା

**କାଳ ଯାହାକୁ କବଳିତ କରିପାରେ ନାହିଁ, ସେ ହିଁ ମହାକାଳ ।**

# ଉଦାର ଶିଷ୍ୟ

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
କଳ୍ପବଟ ....

ରାମାନୁଜାଚାର୍ଯ୍ୟ ଜଣେ ପ୍ରସିଦ୍ଧ ବିଦ୍ୱାନ ଥିଲେ । ମାଡ୍ରାସନଗରୀ ନିକଟସ୍ଥ ପେରୁମ୍ବଦରମଠାରେ ତାଙ୍କର ଜନ୍ମ । ବାଲ୍ୟକାଳରେ ଶିକ୍ଷାଗ୍ରହଣ ନିମନ୍ତେ ସେ ଗୁରୁଗୃହରେ ଅବସ୍ଥାନ କରୁଥିଲେ । ଶିକ୍ଷା ସମାପ୍ତ ସମୟ ନିକଟ ହୋଇଆସିଲା । ଏକଦା ଗୁରୁ ତାଙ୍କ ପାଖକୁ ଡାକି କହିଲେ- ବତ୍ସ ! ମୁଁ ତୁମକୁ ଗୋଟିଏ ମନ୍ତ୍ର ଦୀକ୍ଷା ସ୍ୱରୂପ ଦେଉଛି, ଏହି ମନ୍ତ୍ରର ଶ୍ରୋତା ମଧ୍ୟ ସ୍ୱର୍ଗଲୋକ ପ୍ରାପ୍ତିରେ ସକ୍ଷମ ହୋଇପାରିବ । ତେବେ ଏହି ମନ୍ତ୍ରର ତୁମେ ସଦ୍‌ବ୍ୟବହାର କରିବାକୁ ପଡ଼ିବ । ରାମାନୁଜ ଗୁରୁଙ୍କଠାରୁ ସେହି ମନ୍ତ୍ର ଗ୍ରହଣ କରିଥିଲେ 'ଓଁ ନମୋନାରାୟଣାୟ' । ଆଶ୍ରମ ଛାଡ଼ିବା ପୂର୍ବରୁ ଗୁରୁ ପୁଣିଥରେ ଚେତାବନୀ ଦେଇ କହିଥିଲେ- ରାମାନୁଜ ! ଧ୍ୟାନରଖ, ଏଇ ମନ୍ତ୍ର ଯେପରି କୌଣସି ଅଯୋଗ୍ୟ, ଅପଦାର୍ଥ ଲୋକଙ୍କ କାନରେ ନ ପଡ଼େ । ରାମାନୁଜ ମନେମନେ ଭାବିଲେ- ସତରେ ଗୁରୁଙ୍କ କହିବା ମୁତାବକ ଏହି ମନ୍ତ୍ରର ଶକ୍ତି କେତେ ଅପାର ! ଯଦି ଏହି ମନ୍ତ୍ର ଶୁଣିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ସମ୍ଭବ ବୋଲି ଗୁରୁ କହୁଛନ୍ତି, ତେବେ ମୁଁ ଅନ୍ୟମାନଙ୍କୁ ଏଇ ମନ୍ତ୍ର ଶିକ୍ଷା ନଦେଇ ନିଜ ଭିତରେ ସୀମିତ ରଖିବି କାହିଁକି ? ଏଭଳି କଲେ ଏହା ମୋର ସଂକୀର୍ଣ୍ଣ ମାନସିକତାର ପରିଚାୟକ ହେବ । ଏଭଳି ଶିକ୍ଷାରେ କି ଲାଭ ଯାହା ଅନ୍ୟର ହିତସାଧନ ନକରିବ ? ରାମାନୁଜଙ୍କ ଆବିଳତାଶୂନ୍ୟ ହୃଦୟରେ ଏକମାତ୍ର ଭାବନା ଥିଲା- ସକଳ ମନୁଷ୍ୟ ସମାଜର କଲ୍ୟାଣ, ଲକ୍ଷ୍ୟ ଥିଲା ସକଳବର୍ଗର ସାମଗ୍ରିକ କଲ୍ୟାଣ । ସଂକୀର୍ଣ୍ଣତାର ଢେର ଉର୍ଦ୍ଧ୍ୱରେ ଥିଲେ ସେ । ଏହି ଲକ୍ଷ୍ୟସାଧନ ନିମନ୍ତେ ସେ ଏତେ ବ୍ୟଗ୍ର ଥିଲେ ଯେ ବିଭିନ୍ନ ସ୍ଥାନ ବୁଲିବୁଲି ସେ ଏହି ମନ୍ତ୍ରର ମହତ୍ତ୍ୱ ପ୍ରଚାର କରିବାକୁ ଲାଗିଲେ । ନିମ୍ନଶ୍ରେଣୀର ଲୋକ ମଧ୍ୟ ସେହି ମନ୍ତ୍ର ଜପ କରିବାକୁ ଲାଗିଲେ । ଗୁରୁ ଯେତେବେଳେ ଜାଣିଲେ ଯେ ତାଙ୍କର ଚେତାବନୀ ସତ୍ତ୍ୱେ ଶିଷ୍ୟ ସକଳବର୍ଗର ଲୋକଙ୍କୁ ମନ୍ତ୍ର ଶିକ୍ଷା ଦେଉଛନ୍ତି, ସେତେବେଳେ ସେ ବିଚଳିତ ହୋଇପଡ଼ିଲେ । ଶିଷ୍ୟର ବିଶ୍ୱସନୀୟତା ଓ ଗୁରୁଭକ୍ତି ଉପରେ ସନ୍ଦେହ ଆସିଲା । ଏହି ଘଟଣାକୁ ନେଇ ଗୁରୁ ଅତି ମ୍ରିୟମାଣ ଥିବା ନେଇ ରାମାନୁଜ ଜାଣିବାକୁ ପାଇଲେ । ତାଙ୍କ ନିକଟକୁ ଆସି କ୍ଷମାପ୍ରାର୍ଥନା କରି ନମ୍ର ଭାବରେ କହିଲେ-ଗୁରୁଦେବ ! ଏହି ମନ୍ତ୍ରର ଜପ ବଳରେ ଯଦି ସମସ୍ତଙ୍କ ସ୍ୱର୍ଗପ୍ରାପ୍ତି (ମଙ୍ଗଳ) ସମ୍ଭବ ତେବେ ତାହା ହିଁ ହେଉ, କେବଳ ମୁଁ ଯାଇପାରିବି ନାହିଁ, କାରଣ ମୁଁ ଆପଣଙ୍କର ଆଦେଶ ଲଂଘନ କରିଥିବାରୁ ନରକକୁ ଯିବି । ଯଦି ମୁଁ ନରକକୁ ଯିବା ଦ୍ୱାରା ଅଧିକାଂଶ ଲୋକଙ୍କ ମଙ୍ଗଳ ସମ୍ଭବ, ତେବେ କ୍ଷତି କ'ଣ ? ଗୁରୁଦେବ ନିଜର ପ୍ରିୟ ଶିଷ୍ୟଠାରୁ ଏଭଳି ଉତ୍ତର ଶୁଣି ଅଭିଭୂତ ହୋଇ ତାଙ୍କୁ ଆଲିଙ୍ଗନ କରି କହିଲେ- 'ବତ୍ସ ! ତୁମେ ମୋର ଅଜ୍ଞାନ ଆବୃତ ଆଖି ଖୋଲି ଦେଇଛ । ତୁମଭଳି ଜଣେ ଉଦାର ଶିଷ୍ୟ ନରକକୁ ଯିବ କାହିଁକି ? ସକଳ ଲୋକଙ୍କ ମଙ୍ଗଳ କାମନା କରୁଥିବା ବ୍ୟକ୍ତି ତ ନିରନ୍ତର ସୁଖ, ଆନନ୍ଦ ପାଇଥାନ୍ତି । ତୁମେ ପ୍ରକୃତ ଅର୍ଥରେ ଜଣେ ସଚ୍ଚା ଆଚାର୍ଯ୍ୟ । ତୁମ ଉପରେ ସଦାସର୍ବଦା ଗୁରୁକୃପା ରହିଥିବ ।' ରାମାନୁଜାଚାର୍ଯ୍ୟ ଗୁରୁଙ୍କଠାରୁ ଏହା ଶୁଣି ତାଙ୍କର ପାଦତଳେ ଲୋଟିପଡ଼ିଲେ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

# କରୋନା ସଚେତନତାରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକା

ଡ. ମନୋରଞ୍ଜନ ମହାନ୍ତି

ମନୁଷ୍ୟ ହେଉଛି ଅମୃତର ସନ୍ତାନ । ସମ୍ପ୍ରତି କରୋନା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି । ଏକ ପକ୍ଷରେ ପ୍ରକୃତିର ତାଣ୍ଡବ କୋଭିଡ୍ ମହାମାରୀ ଓ ଅପର ପକ୍ଷରେ ବିଜ୍ଞାନର ସବୁଜ ଉଦ୍ଭାବନ ମଧ୍ୟରେ ଲଢେଇ । ଅଜ୍ଞାନତା ହିଁ ରୋଗ । ଯାହା ଶରୀରକୁ ପୀଡା ଦିଏ ତାକୁ ରୋଗ ବୋଲି କୁହାଯାଏ । ଚିକିତ୍ସା ବିଜ୍ଞାନୀମାନଙ୍କ ମତରେ ୯୦ ପ୍ରତିଶତ ହେଉଛି ମାନସିକ ରୋଗ । ମନକୁ ସ୍ଥିର ଓ ଦୃଢ ନକଲେ ରୋଗ ମାଡିବସିଥାଏ । ଭୌଗଳିକ ସୀମାରେଖା ସତ୍ତ୍ୱେ କରୋନା ବିଶ୍ୱବାସୀଙ୍କୁ ଅସ୍ତବ୍ୟସ୍ତ କରିଛି । କେଉଁଠି ସ୍ତ୍ରୀ ସ୍ୱାମୀଙ୍କୁ ତ କେଉଁଠି ପିତା ପୁତ୍ରଙ୍କୁ, ଭାଇ ଭଉଣୀଙ୍କୁ ହରାଇଛି ଓ କେଉଁଠି ପରିବାର ସମସ୍ତ ସଦସ୍ୟଙ୍କ ଜୀବନ ନେଇଛି ମହାମାରୀ କରୋନା । କୋଭିଡ୍-୧୯ର ପୁରାନାମ ହେଲା ଉକ୍ଟକ୍ଟଭବ ଠସକ୍ଙ୍କସ୍ମ ଓଭଲରମସ୍ୱରୟ ଉସସ୍ୱରବସ୍ୱର । ଚୀନ୍ ର ଉହାନ ନଗରୀର ସାମୁଦ୍ରିକ ଖାଦ୍ୟ ବଜାରରୁ ୨୦୧୯ ମସିହାରେ ଦେଖାଦେଇଥିବା ଏହି ମାରାତ୍ମକ ଭୁତାଣୁ ଏବେ ପୃଥିବୀର ୨୨୦ ଟି ଦେଶକୁ ଗ୍ରାସ କରିଛି । ହାତ, କାନ, ଆଖି ଓ ନାକ ମାଧ୍ୟମରେ ଘାତକ ଭୁତାଣୁ ମନୁଷ୍ୟ ଶରୀରରେ ପ୍ରବେଶ କରି ଜୀବନ ନେଉଛି ।

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ ସେବା ଯୋଜନା ଦେଶର ସର୍ବବୃହତ ସେବାମୂଳକ ଛାତ୍ର ସଙ୍ଗଠନ । ୩୯୯ ଟି ବିଶ୍ୱ ବିଦ୍ୟାଳୟରେ ଓଡିଶାର ୧ ଲକ୍ଷ ୧୫ ହଜାର ୫୦୦ ସମେତ ୩୮ ଲକ୍ଷ ୬୦ ହଜାରରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ୪୧ ହଜାର ୪୪୨ ୟୁନିଟ୍ ମାଧ୍ୟମରେ ୧୪ ସେପ୍ଟେମ୍ବର ୧୯୬୯ରୁ ଅଦ୍ୟାବଧି ସ'ଳତାର ସହ ସମଗ୍ର ଦେଶରେ କାର୍ଯ୍ୟ କରିଆସୁଛନ୍ତି । ଗତ ପାର୍ଲାମେଣ୍ଟ ଅଧିବେଶନରେ କେନ୍ଦ୍ର କ୍ରୀଡାମନ୍ତ୍ରୀ କିରଣ ରାଜୁ ଉପସ୍ଥାପନ କରିଥିବା ରିପୋର୍ଟରେ କୋଭିଡ୍ ସତ୍ତ୍ୱେ ସ୍ୱଚ୍ଛ ଭାରତ, ବନୀକରଣ ଓ ରକ୍ତଦାନ ଓ ସ୍ୱଚ୍ଛ ଭାରତ ଅଭିଯାନରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ସେବମୂଳକ କାର୍ଯ୍ୟ ଦେଶରେ ସର୍ବଶ୍ରେଷ୍ଠ । ନୀତି ଆୟୋଗ ପକ୍ଷରୁ ମୂଲ୍ୟାୟନ କରାଯାଇ ଏନଏସଏସକୁ ଇ୧ ୫ମଷରଙ୍କର ମାନ୍ୟତା ମଧ୍ୟ ପ୍ରଦାନ କରାଯାଇଛି ।

କରୋନା ସଚେତନତା ସୃଷ୍ଟି କରିବାରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତର ପରିଚୟ ଗାଁରେ ବୋଲି କହିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ । ଛାତ୍ର-ସ୍ୱେଚ୍ଛାସେବୀମାନେ ଅଧ୍ୟୟନ ସହିତ ଉକ୍ଟକ୍ଷକ୍ଷରଶର ରୁ ଠସକ୍ଷକ୍ଷବଶର, ଉକ୍ଷବସ୍ୱସ୍ୱ ରୁ ଗବସ୍ୱସ୍ୱ ଏବଂ ଉବଙ୍କକ୍ଟଙ୍କସ୍ୱ ରୁ ଉକ୍ଟଙ୍କଙ୍କଙ୍କ-ଭସସ୍ୱଛ (ପୋଷ୍ୟଗ୍ରାମ)କୁ ଯାଇଥାନ୍ତି । ଓଡିଶାର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନ ବର୍ତ୍ତମାନ କୋଭିଡ୍ ଓ ଗ୍ରୀଷ୍ମ ଅବକାଶ ଯୋଗୁଁ ପ୍ରାୟତଃ ବନ୍ଦ । ଲକ୍‌ଡାଉନ୍ ସମୟରେ ସ୍ୱେଚ୍ଛାସେବୀମାନେ ଘରେ ରହି ପୋଷ୍ୟଗ୍ରାମ ତଥା ଜନସାଧାରଣରେ ସଚେତନତା ସୃଷ୍ଟି କରିପାରିବେ । ପ୍ରଥମେ ନିଜେ ଓ ନିଜ ପରିବାରକୁ ସୁରକ୍ଷିତ ରଖି କୋଭିଡ୍ ମହାମୁକାବିଲାରେ ସାମିଲ୍ ହୋଇପାରିବେ । କାରଣ ଏନଏସଏସର ଗକ୍ଟସ୍ୱସ୍ୱକ୍ଟ ବା ଆଦର୍ଶନୀତି "ଘକ୍ଟସ୍ୱ ଗର-ଇଙ୍କସ୍ୱ ଶକ୍ଟଙ୍କ" ଅର୍ଥାତ୍ ମୁଁ କେବଳ ମୋ ପାଇଁ ନୁହେଁ, ତୁମ ପାଇଁ-ଅନ୍ୟ ପାଇଁ ବା ସମାଜ ପାଇଁ ସମର୍ପିତ ଅଟେ । ଓଡିଶାର ରାଜସ୍ୱ ଗ୍ରାମ ସଂଖ୍ୟା ୫୩,୮୪୫ ହୋଇଥିବାରୁ ପ୍ରାୟ ପ୍ରତ୍ୟେକ ଗ୍ରାମରେ ବର୍ତ୍ତମାନର ଓ ପ୍ରାକ୍ତନ ସ୍ୱେଚ୍ଛାସେବୀମାନେ ସଚେତନତାରେ ସାରଥୀ ହୋଇପାରିବେ । ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟକ୍ରମ ସଂଯୋଜକମାନେ ମହାବିଦ୍ୟାଳୟସ୍ତରରେ ଦାୟିତ୍ୱ ନିର୍ବାହ କରୁଥିବା କାର୍ଯ୍ୟକ୍ରମ ଅଧିକାରୀ (ଅଧ୍ୟାପକ-ଅଧ୍ୟାପିକ)ମାନଙ୍କୁ କ୍ରିୟାଶୀଳ କରାଇଲେ ସମାଜ ପରିବର୍ତ୍ତନର ବାର୍ତ୍ତାବହ ରୂପେ ବିବେଚିତ ସ୍ୱେଚ୍ଛାସେବୀମାନେ କରୋନାକୁ ହରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ସ୍ୱେଚ୍ଛାସେବୀମାନେ ସମାଜରେ କୋଭିଡ୍ ୫ଗଝ ଯଥା ୫ବଭସସ୍ୱସଛରକ୍ସ (ସାନିଟାଇଜର), ଗବସ୍ୱଳ (ତୁଣ୍ଡି), ୫କ୍ଟମସବକ୍ଷ ଉସସ୍ୱସ୍ୱବଭମସଭଶ (ସାମାଜିକ ଦୂରତା) ବାର୍ତ୍ତା ପହଞ୍ଚାଇ ପାରିବେ । ସର୍ବସାଧାରଣ ସ୍ଥାନ, ହାଟ, ବଜାର, ଭିଡ ଅଞ୍ଚଳରେ ତୁଣ୍ଡି ପରିଧାନ ନିହାତି ଅପରିହାର୍ଯ୍ୟ ବୋଲି ଲୋକମାନଙ୍କୁ ସଚେତନ କରିବା ସହିତ ସରକାରଙ୍କୁ ସହଯୋଗ କରିବାକୁ ପବର୍ତ୍ତାଇ ପାରିବେ ।

ବ୍ୟବହୃତ ପୋଷାକ ଓ ବସ୍ତ୍ରକୁ ପ୍ରତିଦିନ ସ'। କରିବା, ଠିକ୍ ରୂପେ ଡବଲ ତୁଣ୍ଡି ପିନ୍ଧି ଅତି ଆବଶ୍ୟକ ଥିଲେ ବାହାରକୁ ଯିବା, ଯୋତା ଓ ଚପଲକୁ ସାନିଟାଇଜ କରିବାକୁ ବ୍ୟାନର ମାଧ୍ୟମରେ ସଚେତନ କରିପାରିବେ । ତୁଣ୍ଡି ହିଁ କେବଳ ସାମାଜିକ ଟୀକା ବୋଲି ଜନସାଧାରଣଙ୍କୁ ବୁଝାଇ ପାରିବେ । କୋଭିଡ୍ ଟୀକାକରଣ କେନ୍ଦ୍ର ନିକଟରେ ବ୍ୟାନର ମାଧ୍ୟମରେ ଏବଂ ଗ୍ରହଣ କରିଥିବା ପୋଷ୍ୟ ଗ୍ରାମରେ ହାତଲେଖା ପୋଷ୍ଟର ଦ୍ୱାରା କଣ କରିବେ କଣ ନକରିବେ ସେ ସମ୍ପର୍କରେ ସଚେତନ କରିହେବ ।

ହାତକୁ ସାବୁନ୍‌ରେ ୨୦ ରୁ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଭଲଭାବରେ ଧୋଇବା, କରମର୍ଦ୍ଦନ ବଦଳରେ ନମସ୍କାର କରିବା, ସାମାଜିକ ଦୂରତା ଅବଲମ୍ବନ କରିବା, ସର୍ବଦା ହାତରେ ସାନିଟାଇଜର ଲଗାଇବାକୁ ପରାମର୍ଶ ଦେଇପାରିବେ ସ୍ୱେଚ୍ଛାସେବୀ । ଭିଡ ବା ସର୍ବସାଧାରଣ ଗହଳି ସ୍ଥାନକୁ ନଯିବା, କରମର୍ଦ୍ଦନକୁ ନା କହିବା ଇତ୍ୟାଦି ଉପରେ ବାର୍ତ୍ତା ନିଜ ମାଧ୍ୟମରେ ଦେଇହେବ । ବାହାର କିମ୍ବା ରାସ୍ତାପାର୍ଶ୍ୱ ଖାଦ୍ୟଠାରୁ ଦୂରେଇବା, ରୋଗଗ୍ରସ୍ତ ଲୋକମାନଙ୍କ ନିକଟକୁ ନିଯିବା, କୋଭିଡ୍ ଟୀକା ସମ୍ପୂର୍ଣ୍ଣ ନିରାପଦ ବୋଲି କାହିବା ଓ କରୋନାର ଯେକୌଣସି ସାମାନ୍ୟ ଲକ୍ଷଣ ଦେଖାଦେଲେ ନ ଲୁଚାଇ ସଙ୍ଗେ ସଙ୍ଗେ ପରିକ୍ଷା କରିବାକୁ ଲୋକମାନଙ୍କୁ ସଚେତନ କରିପାରିବେ । ସର୍ବୋପରି ପ୍ରତ୍ୟେକ ଏନଏନଏସ ୟୁନିଟ୍ ପୋଷ୍ୟଗ୍ରାମ କିମ୍ବା ନିଜଗ୍ରାମ ବା ବସ୍ତିରେ "ରବମକ୍ଷ ଙଭର-ଜରବମକ୍ଷ ଞରଭ" ଅର୍ଥାତ୍ ପ୍ରତ୍ୟେକ ସ୍ୱେଚ୍ଛାସେବୀ ୧୦ଟି ପରିବାରକୁ ପରିଦର୍ଶନ କରିବା ନୀତି ଆପଣେଇ ଟୀକାକରଣକୁ ଉତ୍ସାହିତ କଲେ କରୋନା ମହାମାରୀକୁ ଆମେ ନିଶ୍ଚିତ ହରାଇ ପାରିବା, ଏଥିରେ କୌଣସି ସନ୍ଦେହ ନାହିଁ ।

ପୂର୍ବତନ କାର୍ଯ୍ୟକ୍ରମ ସଂଯୋଜକ
ଜାତୀୟ ସେବା ଯୋଜନା ବ୍ୟୁରୋ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର ।
ମୋବାଇଲ ନଂ-୯୪୩୮୨୭୯୦୧୫
Email-manoranjanmohanty
dpo@gmail.com

# ସତ୍ୟ ଖବର ପ୍ରକାଶ ନ ପାଇବାର ପରିଣତି

ଉମା ଶଙ୍କର ପ୍ରସାଦ

ଖ୍ରୀଷ୍ଟ ପୂର୍ବ ଦ୍ୱିତୀୟ ଶତାବ୍ଦୀର କଥା । ରୋମର ସମ୍ରାଟ ଟାଇବେରିଅସ୍‌ଙ୍କ ଦରବାରରେ ଦିନେ ଉପସ୍ଥିତି ହୋଇଥିଲେ ଜଣେ ସ୍ୱର୍ଣ୍ଣକାର ବା ଧାତୁଶିଳ୍ପୀ । ଉତ୍'ୁଳ ହୋଇ ନିଜ ଜୀବନର ସ'ଳ କାହାଣୀ



ବଖାଣିବାକୁ ଯାଇ କହିଥିଲେ ହେ 'ମହାରାଜ, ମୁଁ ଗୋଟିଏ ଏଭଳି ମିଶ୍ରଧାତୁର ଉଦ୍ଭାବନ କରିଛି ଯାହା କେବଳ ମୁଁ ଜାଣେ । ଦୁର୍ମୂଲ୍ୟ ଏ ନୂଆ ଧାତୁ' । ରାଜାଙ୍କ ମନରେ ଶଙ୍କା ପଶିଗଲା । ସେ ଭାବିଲେ ଏଭଳି ଏକ ଧାତୁ ଲୋକ ସମାଜରେ ପ୍ରଚାର ହୋଇଗଲେ, ମୋର ଭଣ୍ଡାରରେ ଥିବା ସୁନା, ରୂପା, ହୀରା, ନୀଳା ସବୁ ମୂଲ୍ୟହୀନ ହୋଇଯିବ । ମନରେ ସନ୍ଦେହ ଓ ଶଙ୍କା ରଖି ରାଜା ଧାତୁ ଶିଳ୍ପୀକୁ କହିଲେ ସେ ଦୁର୍ଲଭ ଧାତୁଟିକୁ ଦେଖାଇବା ପାଇଁ । ସେ ଧାତୁଟିକୁ ଦେଖି ସଭାଜନଙ୍କ ଆଖି ଝଲମଲ ହୋଇଗଲା, ସମସ୍ତେ ବିସ୍ମୟ ସହିତ ଦେଖିଲେ ଅନ୍ୟସବୁ ଧାତୁ ମାନଙ୍କ ଠାରୁ ସ୍ୱର୍ଣ୍ଣକାରଙ୍କ ଧାତୁଟି ଅତି ହାଲୁକା, ମାତ୍ର ସମସ୍ତିଙ୍କଠାରୁ ଅଧିକ ଉଜ୍ଜଳ ଏବଂ ଏକଧାରାରେ ନମନୀୟ ଏବଂ ଦୃଢ ଗୋଟିଏ ସୁନ୍ଦର ପାତ୍ରଧରି ଠିଆ ହୋଇଥିଲେ ଶିଳ୍ପୀ । ସଭାରେ ଉପସ୍ଥିତ ଥିବା ଜଣେ ବ୍ୟକ୍ତି ଉଠିପଡି କହିଥିଲେ ଏତ ବଡ ବିସ୍ମୟର କଥା, ତୁରନ୍ତ ଏ ଖବରକୁ ମୁଁ ଲୋକଙ୍କ ଅବଗତ ପାଇଁ ସହରର ପ୍ରମୁଖ ସ୍ଥାନରେ ଗୋଟିଏ ପଟଳ ଉପରେ ଲେଖି ଟାଙ୍ଗି ଦିଏ ! ସମ୍ରାଟ ଟାଇବେରିଅସ୍ ହତପ୍ରଭ ଓ ବିମର୍ଷ ହୋଇ ବସିଥାନ୍ତି । ସେ ଧାତୁଶିଳ୍ପୀ ଓ ସେହି ସଭାସଦ୍ ଦୁଇଜଣଙ୍କୁ ପାଖକୁ ଆଲିଙ୍ଗନ କଲାଭଳି ବାହୁ ମେଲାଇ ଡାକିଥିଲେ ଓ ସେମାନେ ନିକଟକୁ ଆସିବା ମାତ୍ରେ ଅପ୍ରତ୍ୟାଶିତ ଭାବରେ ସେମାନଙ୍କ ମୁଣ୍ଡ କାଟିଦେଇ ସଦର୍ପରେ କହିଥିଲେ- ଗଲା କଂଟାଗଲା । ମୋ ଠାରୁ ଅଧିକ ବିତଶାଳୀ ହେବାର ସାହାସ ଆଉ କେହି କରିବେ ନାହିଁ ।ଉପସ୍ଥିତ ସଭାସଦ୍‌ଙ୍କ ଭିତରୁ ଏ କଥା ଯିଏ ବାହାରେ କହିବ ତାର ମୁଣ୍ଡ କାଟହେବ । ଏହି ଘଟଣାଟିର ଏହିପରି ପରିସମାପ୍ତି ଘଟିଲା ମାତ୍ର ଏହା ଖବର ହୋଇ ପାରିନଥିଲା । ପରେ ଏହା ପ୍ଲିନିକ ଇତିହାସରେ ଏକ ଐତିହାସିକ ଘଟଣା ହୋଇ ରହିଗଲା ମାତ୍ର ଖବର ହୋଇ ପାରିଲାନି । ପାଠକେ ଜାଣନ୍ତି ସେ ଚମତ୍କାରୀ ନୂଆ ଧାତବ ପଦାର୍ଥଟି କଣ ? ତାହାଥିଲା 'ଆଲୁମିନିୟମ' । ଏହି ଘଟଣାଟି ଖବର ନହେବା ଯୋଗୁ ତିନୋଟି ପରିଣତି ସମାଜକୁ ଭୋଗିବାକୁ ପଡିଲା ।

ପ୍ରଥମଟି ହେଲା ଦୁଇହଜାର ବର୍ଷ ପର୍ଯ୍ୟନ୍ତ ଆଲୁମିନିୟମର ସମ୍ଭାବନା ବିଜ୍ଞାନକୁ ମିଳିଲା ନାହିଁ । ଥରେ ଭାବି ଦେଖନ୍ତୁତ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ବେଳକୁ ଅଲୁମିନିୟମର ତିଆରିର ସୁତ୍ର ମିଳିଯାଇଥିଲେ ପୃଥିବୀରେ କି ଅଭୁତପୂର୍ବ ଘଟଣା ଘଟିଥାନ୍ତା । ମାତ୍ର ରାଜା ନିଜକୁ ସମସ୍ତିଙ୍କ ଠାରୁ ବିତଶାଳୀ ରଖିବା ପାଇଁ ବିନା ନିରୀକ୍ଷଣ କରି ଧାତୁଶିଳ୍ପୀକୁ ମାରିଦେଲେ । ଦ୍ୱିତୀୟ ପରିଣତିଟି ହେଲା ଜଣେ ସାମ୍ବାଦିକର ଅକାଳ ମୃତ୍ୟୁ । ଯଉଁ ସଭାସଦ୍ ଜଣକ ଉଜ୍ଜଳ ଓ ଦୁର୍ମୂଲ୍ୟ ନୂଆ ଧାତୁର ଖବର ଦେବାପାଇଁ ସଭାରେ ଉତେଜିତ ହୋଇ ଠିଆହୋଇ ପଡିଥିଲେ ସେ ବୋଧେ ଥିଲେ ବିଶ୍ୱର ପ୍ରଥମ ଲୋକସ୍ୱାର୍ଥ-ପ୍ରେରିତ ଜଣେ ସାମ୍ବାଦିକ । ତୃତୀୟ ପରିଣତିଟି ହେଲା,ସମ୍ପଦ ଓ ରାଜଶକ୍ତିର ଏକାଧିପତ୍ୟ ଅ-ସ୍ପର୍ଦ୍ଧିତ ବା ଅନ ଚାଲେଂଜଡ୍ ହୋଇ ରହିଗଲା ଅନ୍ତତ ଆହୁରୀ ଦେଢହଜାର ବର୍ଷ । ଯଦି ଗୋଟିଏ ସାମ୍ବାଦିକର କଲମ ମୁନରେ ମାଟି ବା ପଥରରୁ ବକ୍ସାଇଟ ଆହରଣ କରି ଧାତୁ ଉତ୍ପାଦନର କ୍ଷମତା ସମାଜ ହାତକୁ ଯାଇଥିଲେ କ'ଣ ହୋଇଥାନ୍ତା ? ବିଜ୍ଞାନର ଆବିଷ୍କାର ଓ ବ୍ୟକ୍ତି ପ୍ରତିଭାର ଅଲୋକ ଦୁଇଟି ଯାକ ସମାଜର ସମ୍ପଦ ହୋଇପାରି ନ ଥାନ୍ତାକି ? ବିଶ୍ୱର ବୌଦ୍ଧିକ ଅଧିକାର କାହା କବଳରେ ? ଆଜିର ଏପରି ଅନେକ ଦୁର୍ମୂଲ୍ୟ ଖବର ଅଛି ତାହା ପ୍ରକାଶିତ ହୋଇନପାରି ଇତିହାସ ଗର୍ଭରେ ଲୀନ ହୋଇଯାଉଛି । ଯିଏ ଖବର ପ୍ରକାଶ କରିବାର ସତ୍ ସାହସ କଲା ତାକୁ ଆମର ଶାସକ, ପ୍ରଶାସକ, ରାଜନେତାଙ୍କ ଦ୍ୱାରା ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ! ହେ ମୋର ଶୁଦ୍ଧି ପାଠକ ଏ ବିଶ୍ୱର ବହୁ ଘଟଣା ଖବର ନହୋଇ ପାରିବାହିଁ ସଭ୍ୟତାର ବିଡମ୍ବନା । ଘଟଣାକୁ ଖବର କରିବାର ମୁକ୍ତ ସମାଜ ଏବେ ଆସି ଯାଇଥିଲେ ମ୍ଭ ଖବରଦାତା ନିଜର ସଂସ୍ଥାର ମାଲିକକୁ ସୁହାଇଲା ଭଳି ଖବର ପରିବେଷଣ କରି "ଆପେ ବଂଚିଲେ ବାପର ନାମ ଭଳି" କାର୍ଯ୍ୟକରି ଚାଲିଛନ୍ତି । ଯଦିଓ ଦେଶୀୟ ଗଣତନ୍ତ୍ର ଅଛି ମାତ୍ର ବିଶ୍ୱରେ ଗଣତନ୍ତ୍ର କାହିଁ ? ବିଶ୍ୱ ଗଣତନ୍ତ୍ର ସମ୍ଭବ ହୋଇ ନପାରିବା ରାଷ୍ଟ୍ରୀୟ ଗଣତନ୍ତ୍ର ପାଇଁ ସବୁଠାରୁ ବଡ ବିପଦ । ଭାରତରେ ବା ରାଜ୍ୟର ଜଣେ ବଡ ଲେଖକ ମରିଯିବା କାହିଁକି ଘଟଣା ମାତ୍ର ଜଣେ ହଲିଉଡ ନାୟିକା ଗର୍ଭବତୀ ହେବା, ନାୟକ ଆତ୍ମହତ୍ୟା କରିବା କାହିଁକି ବଡ ଖବର ? ଘଟଣା ଖବରରେ ପରିବର୍ତ୍ତିତ ନ ହୋଇପାରିବା ସଭ୍ୟତାର ଗୋଟିଏ ଘନୀଭୂତ ଷଡଯନ୍ତ୍ର । ଦରିଦ୍ର ଦରିଦ୍ର ହୋଇ ରହିଲେହିଁ ଧନୀଙ୍କ ଧନର ଗର୍ବ ରହିବ । ଦରିଦ୍ର ଓ ଅବିକଶିତ ରହିବେ ଘଟଣାର ଅଳିଆ ଗଦାରେ । ସଂପନ୍ନ ଓ ବିକଶିତ ରହିବେ ସୁ ନିୟୋଜିତ ଖବର ଉଦ୍ୟାନରେ । ପ୍ରକୃତରେ ଯେଉଁ ଘଟଣା ଖବର ହେବାକଥା ତାହା ଘଟଣାରେ ରହିଯାଉଛି ମାତ୍ର ଯାହା ଖବରର ଯୋଗ୍ୟ ନୁହେଁ ତାହା ଖବର ହୋଇ ଯାଉଛି । ଏହି ବିଷୟଟି ପ୍ରଖ୍ୟାତ ଲେଖକ ହରପ୍ରସାଦ ଦାସଙ୍କ ଏକ ସମ୍ବାଦପତ୍ରର ସମାବର୍ତ୍ତନ ଉତ୍ସବରେ ଦେଇଥିବା ବକ୍ତବ୍ୟର ରୁପରେଖ ଯାହା ଏ ଲେଖକ ଆହରଣ କରି ଉପସ୍ଥାପିତ କରିଛ ।

ସାମ୍ବାଦିକ ତଥା
ସ୍ତମ୍ଭକାର,୬୩୭୦୬ ୭୫୫୬୨

# ଜନସଂଖ୍ୟା ନିୟନ୍ତ୍ରଣ ଜରୁରୀ

ସୌଭାଗ୍ୟ ରଂଜନ ମହାନ୍ତି

ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ଭାବେ ପରିଚିତ ଚୀନର ଜନସଂଖ୍ୟା ଏବେ ୧୪ କୋଟି ୪୧ ଲକ୍ଷ ୬୬



ହଜାର ୧୬୧ରେ ପହଁଚିଥିବା ନେଇ ଗତ ମଙ୍ଗଳବାର ପ୍ରକାଶିତ ଜାତୀୟ ଜନଗଣନା ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଗତ ଦଶକରେ ମାତ୍ର ୭୨ ମିଲିୟନ ଅର୍ଥାତ୍ ୭କୋଟି ୨୦ ଲକ୍ଷ ଜନସଂଖ୍ୟା ବଢିଛି, ଯାହାକି ଚୀନର ଲୋକସଂଖ୍ୟା ବୃଦ୍ଧି ଅତି ମନ୍ଥର ଗତିରେ ଥିବା ସଂକେତ ପ୍ରଦାନ କରୁଛି । ଚୀନ ପରି କଠୋର କମ୍ୟୁନିଷ୍ଟ ରାଷ୍ଟ୍ରରେ ଲୋକସଂଖ୍ୟା ନିୟନ୍ତ୍ରଣ ପାଇଁ ଜାରି କଟକଣା ଏକ ପ୍ରକାର ଫଳପ୍ରଦ ବୋଲି କୁହାଯାଇପାରେ । ଅନ୍ୟପକ୍ଷରେ ଗତ ୨୦୧୧ ମସିହା ଜନଗଣନା ରିପୋର୍ଟରେ ଭାରତର ଜନସଂଖ୍ୟା ୧୩୫ କୋଟିରେ ପହଁଚିଥିଲା । ଇତି ମଧ୍ୟରେ ଗୋଟିଏ ଦଶନ୍ଧି ଶେଷ ହେବାକୁ ଯାଉଛି । ଦେଶରେ ପ୍ରତି ୧୦ବର୍ଷରେ ଜନଜଣନା ହୋଇଥାଏ । ଭାରତରେ ଯେଉଁଭଳି ହାରରେ ଲୋକସଂଖ୍ୟା ବୃଦ୍ଧି ପାଉଛି, ଚୀନକୁ ଅତିକ୍ରମ କରିବା ଆଉ ବେଶୀ ଦୂର ନୁହେଁ ବୋଲି କୁହାଯାଇପାରେ । ସମ୍ଭବତଃ ୨୦୨୫ ମସିହା କିମ୍ବା ତା' ପୂର୍ବରୁ ଚୀନକୁ ଲୋକସଂଖ୍ୟାରେ ଭାରତ ଟପିଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଲୋକସଂଖ୍ୟା ନିୟନ୍ତ୍ରଣ ପାଇଁ ସତୁରୀ, ଅଶୀ ଦଶକରେ ସରକାର ଯେପରି ଗୁରୁତ୍ୱ ଦେଉଥିଲେ ଏବଂ ପ୍ରୋତ୍ସାହନକାରୀ ଯୋଜନା, କାର୍ଯ୍ୟକ୍ରମମାନ ଚାଲୁ ରଖିଥିଲେ, ଏବେ ସେହି ଯୋଜନାଗୁଡିକୁ ବୋଧହୁଏ ସରକାର ଏବଂ ଜନସାଧାରଣ ପାଶୋରୀ ଯାଇଥିବା ମନେହୁଏ । ସେତେବେଳେ ଆମେ ଦୁଇ-ଆମର ଦୁଇ ପୁଅ ହେଉ କି ଝିଅ ହେଉ ଗୋଟିଏ ସନ୍ତାନ ଯଥେଷ୍ଟ ଆଦି ସ୍ଲୋଗାନ ବେଶ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ହୋଇଥିଲା । ଯାହାକି ଦେଶର ଲୋକସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥିଲା । ଏବେ ସରକାରଙ୍କ ପକ୍ଷରୁ ଲୋକସଂଖ୍ୟା ନିୟନ୍ତ୍ରଣ ପାଇଁ କୌଣସି ବଳିଷ୍ଠ ପଦକ୍ଷେପ ବା ଯୋଜନା କାର୍ଯ୍ୟକାରୀ ହେଉନାହିଁ କହିଲେ ହୁଏତ ଅତିରଂଜିତ ହେବ ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ, ଦେଶର ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଶିକ୍ଷିତ ଯୁବଗୋଷ୍ଠୀ ବେଶ ସଚେତନଶୀଳ ଥିବା ପ୍ରତିୟମାନ ହୁଏ । ଆଜିର ଶିକ୍ଷିତ ଯୁବଦମ୍ପତି ଗୋଟିଏ କିମ୍ବା ଦୁଇଟି ସନ୍ତାନ ପ୍ରତି ବେଶ ଯତ୍ନଶୀଳ । ମାତ୍ର ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ତାହା ଯଥେଷ୍ଟ ନୁହେଁ । ଅନ୍ୟପକ୍ଷରେ ଅପାଠୁଆ, ଅଶିକ୍ଷିତ ତଥା ଦୁର୍ଗମ ଅଂଚଳର ଯୁବଗୋଷ୍ଠୀ ଏବଂ ଦମ୍ପତି ଏଥିପ୍ରତି ସଚେତନଶୀଳ ନୁହଁନ୍ତି । ଯାହାକି ଜନସଂଖ୍ୟା ବୃଦ୍ଧିର ମୂଳକାରଣ ହୋଇଛି ବୋଲି କୁହାଯାଇପାରେ । ଏହା ନିଶ୍ଚିତ ଯେ, ଲୋକସଂଖ୍ୟା ବୃଦ୍ଧି ବିଭିନ୍ନ ଦୁଃଖର କାରଣ । ଦାରିଦ୍ର୍ୟ ବାସ ଭାବ, ଖାଦ୍ୟାଭାବଠାରୁ ଆରମ୍ଭ କରି ରୋଗ, ଆଦି ବୃଦ୍ଧିର କାରଣ ହୋଇଥାଏ । ବାସଗୃହ ପାଇଁ ଆଜି ଦେଶରେ ଚାଷ ଜମି କମିଯିବାରେ ଲାଗିଛି । ଯେଉଁ ଜମିରେ ଗତକାଲି ଚାଷ ହୋଇଥିଲା, ସେଠାରେ ଆଜି ବିରାଟ ଅଟାଳିକା ଗଢି ଉଠିଛି । ଦେଶରେ ଖାଦ୍ୟାଭାବ ଯୋଗୁଁ ଅନାହାର ମୃତ୍ୟୁର ଅଭିଯୋଗ ଆଉ ଶୁଣାଯାଉନଥିଲେ ମଧ୍ୟ ଜନସଂଖ୍ୟା ବୃଦ୍ଧିଯୋଗୁଁ ଦେଶରେ ଖାଦ୍ୟ ସଂକଟ, ପାନୀୟ ଜଳ ସଂକଟ ଦେଖାଦେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । କେବଳ ଏତିକି ନୁହେଁ ଗରୀବଙ୍କ ସଂଖ୍ୟା ମଧ୍ୟ ବଢିବ । ମହାମାରୀ କରୋନା ଦେଶରେ ୨୩ ପ୍ରତିଶତରୁ ଉର୍ଦ୍ଧ୍ୱ ମଧ୍ୟବିତଙ୍କୁ ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲିଦେଇଥିବା ନେଇ ସରକାରୀ ରିପୋର୍ଟରେ ପ୍ରକାଶ ପାଇଛି । ସମଗ୍ର ବିଶ୍ୱରେ ଦରିଦ୍ରଙ୍କ ସଂଖ୍ୟା ୧୦.୪ ପ୍ରତିଶତ ବଢିଥିବା ବେଳେ ଭାରତରେ ଗରୀବଙ୍କ ସଂଖ୍ୟା ସର୍ବାଧିକ ଥିବା କୁହାଯାଇଛି । ବିଶ୍ୱ କ୍ଷୁଧା ସୂଚକାଙ୍କ-୨୦୨୦ ତାଲିକାରେ ୧୦୭ଟି ଦେଶ ମଧ୍ୟରେ ଭାରତ ତାଲିକାର ୯୪ତମ ସ୍ଥାନରେ ରହିଛି । ସେହିପରି ବିଶ୍ୱ ଖୁସି ସୂଚକାଙ୍କ -୨୦୨୧ ତାଲିକାରେ ବିଶ୍ୱର ୧୪୯ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୩୯ରେ ଆର୍ଥୀକ ଅନଟନ, ଉତ୍କଟ ଦାରିଦ୍ର୍ୟ ଯୋଗୁଁ ବିଶ୍ୱ ସ୍ୱାସ୍ଥ୍ୟ ସୂଚକାଙ୍କରେ ଅଧିକାଂଶ ଭାରତୀୟ ସୁସ୍ଥ ଜୀବନ ବଂଚିପାରୁନାହାଁନ୍ତି । ଜନସଂଖ୍ୟା ବିସ୍ଫୋରଣ ହିଁ ଏହାର ନିୟନ୍ତ୍ରଣ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ନହୁଏ, ତେବେ ବିଶ୍ୱ ଭୋକିଲା, ଅସୁଖୀ ତାଲିକାରେ ଶୀର୍ଷରେ ଭାରତ ରହିବା ଆଉ ବେଶୀ ଦୂର ନୁହେଁ । ସ୍ମରଣଯୋଗ୍ୟ ଯେ, ୯୦ ଦଶକରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଓଡ଼ିଶାର ତତକାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ରାଜନୈତିକ ସ୍ତରରେ ପଦକ୍ଷେପ ନେଇ ଏକ ମାଇଲଖୁଂଟ ସ୍ଥାପନ କରିଛନ୍ତି । ଦୁଇଟି ସନ୍ତାନରୁ ଅଧିକ ସନ୍ତାନର ଦମ୍ପତି ପଂଚାୟତ ନିର୍ବାଚନ ଲଢି ପାରିବେ ନାହିଁ ବୋଲି ଏକ ବଳିଷ୍ଠ ପଦକ୍ଷେପ ନେଇଥିଲେ । ପରୋକ୍ଷରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ତାହା ସହାୟକ ହୋଇଛି । କେବଳ ଓଡ଼ିଶାରେ ନୁହେଁ ଦେଶରେ ପ୍ରାୟ ସମସ୍ତ ରାଜ୍ୟ ଏହି ନୀତିକୁ ଗ୍ରହଣ କରି ନେଇଛନ୍ତି । ରାଜନୈତିକ ସ୍ତରରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଉଦ୍ୟମ ହେବା ଜରୁରୀ । ଅନ୍ୟଥା ଚୀନକୁ ଲୋକସଂଖ୍ୟାରେ ଭାରତ ଟପିଯିବା ଆଉ ବେଶୀ ଦୂର ନୁହେଁ । ଲୋକସଂଖ୍ୟା ହିଁ ଦେଶର ପ୍ରଗତିରେ ବାଧକ ହେବ, ଏଥିରେ ସନ୍ଦେହ ନାହିଁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯




# ଭାକ୍ସିନ ଟୋକନ ଆବଂଟନ, ସାନିଟାଇଜେସନ ଓ କୋଭିଡ୍ ସହାୟକ ଚୟନରେ ସ୍ୱଚ୍ଛତା ରହୁ : ବାବୁ ସିଂ

ଭୁବନେଶ୍ୱର: କରୋନା ସଂକ୍ରମଣ ସମୟରେ ଭୁବନେଶ୍ୱରରେ ଶାସକ ବିଜେଡି ଦଳର ନେତୃବୃନ୍ଦମାନେ ପ୍ରଶାସନ କଳକୁ ଅପବ୍ୟବହାର କରି ପାତର ଅନ୍ତର ବ୍ୟବହାର ପ୍ରଦର୍ଶନ କରୁଥିବା ବିଜେପି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ବିଏମସି କମିଶନରଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

ପ୍ରତିଦିନ ରାଜଧାନୀ ଭୁବନେଶ୍ୱରରୁ ବହୁ ସଂଖ୍ୟାରେ କରୋନା ସଂକ୍ରମଣରେ ସଂକ୍ରମିତ ହେଉଛନ୍ତି । ଏହି ସଂକ୍ରମଣକୁ ପ୍ରତିହିତ କରିବା ପାଇଁ ଶୃଙ୍ଖଳିତ ବ୍ୟବସ୍ଥାରେ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଦଳମତ ନିର୍ବିଶେଷରେ ସାଧାରଣ ଭୁବନେଶ୍ୱରବାସୀଙ୍କ ହିତକୁ ପ୍ରାଧାନ୍ୟ ଦେବା ନିହାତି ଆବଶ୍ୟକ । ବିଶେଷ ଭାବେ ଭାକ୍ସିନ ଟୋକନ ଆବଂଟନ, ସାନିଟାଇଜେସନ ଏବଂ କୋଭିଡ୍ ସହାୟକ ଚୟନରେ ସ୍ୱଚ୍ଛତା ରହିବା ଜରୁରୀ । ମାତ୍ର ଏହି ସମସ୍ତ କାର୍ଯ୍ୟ ବିଜେଡି କର୍ମୀ, ପୂର୍ବତନ କର୍ପୋରେଟର ଏବଂ ଶାସକ ବିଜେଡି ନେତୃବୃନ୍ଦଙ୍କ ମାଧ୍ୟମରେ ବଂଟନ କରାଯାଉଥିବା କାରଣରୁ ସାଧାରଣ ଜନତା ହଇରାଣର ଶିକାର ହେଉଛନ୍ତି । ୱାର୍ଡ ସ୍ତରରେ ନିଯୁକ୍ତ ହେଉଥିବା କୋଭିଡ ସଚେତକ ମଧ୍ୟ ଶାସକ ବିଜେଡି ସମର୍ଥକ ଆଧାରରେ ହେଉଥିବାର ପରିଲକ୍ଷିତ ହୋଇଛି । ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରାଯାଇ ସଂକ୍ରମିତଙ୍କ ଟ୍ରାକିଂ, ଟ୍ରେସିଂ ଏବଂ ଟ୍ରିଟ୍‌ମେଂଟକୁ ଗୁରୁତ୍ୱ ଦିଆଯାଉ । ସେହିପରି ରାଜଧାନୀରେ ଅଧିକ ସଂଖ୍ୟାରେ ଡାକ୍ତରଖାନା ଥିବା କାରଣରୁ ସହରରେ ଆମ୍ବୁଲାନ୍ସ ସେବାକୁ ଆହୁରି ତ୍ୱରାନ୍ୱିତ କରିବାକୁ ଦାବୀ କରାଯାଇଛି । ବିଏମସି କମିଶନର ଏହି ଟାଳଟୁଳ ନୀତି ବିରୁଦ୍ଧରେ ତୁରନ୍ତ ହସ୍ତକ୍ଷେପ କରି ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ଜିଲ୍ଲା ତରଫରୁ ଦାବୀ କରାଯାଇଛି ।

ଆଜି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବିଏମସି କମିଶନରଙ୍କୁ ସାକ୍ଷାତ କରି ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଦାବୀ ଜଣାଇଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ହରେକୃଷ୍ଣ ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

## କୋଭିଡ ପାଇଁ ଜିଲ୍ଲାସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି କଲା ଏବିଭିପି

ଭୁବନେଶ୍ୱର: ରାଜ୍ୟରେ କରୋନାର ସ୍ଥିତିକୁ ଦୃଷ୍ଟିରେ ରଖି ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜିଲ୍ଲା ସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଛି । ସମାଜର ସବୁ ବର୍ଗର ବ୍ୟକ୍ତିବିଶେଷ ବିଶେଷ କରି ଛାତ୍ରଛାତ୍ରୀ ମାନେ ଏହି ସେବାର ଲାଭ ପାଇପାରିବେ । ପୂର୍ବରୁ ଏବିଭିପି ତରଫରୁ ଜାତୀୟ ସ୍ତରୀୟ ଓ ପ୍ରାନ୍ତ ସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଥିଲା । ସୋମବାର ଦିନ ଅନଲାଇନରେ ଏବିଭିପି ତରଫରୁ ବିଭିନ୍ନ ଅତ୍ୟାବଶ୍ୟକ ସେବା ପାଇଁ ଜିଲ୍ଲାସ୍ତରୀୟ ହେଲ୍ପଲାଇନ ନମ୍ବର ଜାରି ହୋଇଛି । ଏଥିରେ ଅତିଥି ଭାବରେ ବିଶିଷ୍ଟ ଆୟୁର୍ବେଦିକ ଡାକ୍ତର ତଥା ଜିଜ୍ଞାସା ଫୋରମର ପ୍ରାନ୍ତ ପ୍ରମୁଖ ଡ ସୁସ୍ମିତା ଓତା ଓ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ ଉପସ୍ଥିତି ଥିଲେ ।

## ଗୋଟିଏ ଦିନରେ ୧୦୩୨୧ କରୋନା ଆକ୍ରାନ୍ତ ଚିହ୍ନଟ
## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୩୩୩୦୨

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୧୦୩୨୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୩୩୩୦୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୫୨୬୩୫୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୪୫୩୯ ରହିଛି ।

ଆଜି ଚିହ୍ନଟ ହୋଇଥିବା ୧୦୩୨୧ ଜଣଙ୍କ ମଧ୍ୟରୁ ୫୭୭୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୫୪୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୬୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।

ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୬୯ ଜଣ, ବରଗଡ଼ରୁ ୩୨୦ ଜଣ, ଭଦ୍ରକରୁ ୩୫୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ବୌଦ୍ଧ ଜିଲ୍ଲାରୁ ୨୫୦, କଟକରୁ ୭୩୧ ଜଣ, ଦେବଗଡ ଜିଲ୍ଲାରୁ ୧୧୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୭ ଜଣ, ଗଜପତି ଜିଲ୍ଲାରୁ ୫୬, ଗଞ୍ଜାମରୁ ୨୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୫୯ ଜଣ, ଯାଜପୁରରୁ ୩୩୦ ଜଣ, ଝାରସୁଗୁଡ଼ାରୁ ୩୧୨ ଜଣ, କଳାହାଣ୍ଡିରୁ ୫୯୯ ଜଣ, କନ୍ଧମାଳ ଜିଲ୍ଲାରୁ ୫୪ ଜଣ. କେନ୍ଦ୍ରାପଡ଼ାରୁ ୧୬୨ ଜଣ, କେନ୍ଦୁଝରରୁ ୨୦୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଖୋର୍ଦ୍ଧାରୁ ୯୦୯ ଜଣ, କୋରାପୁଟରୁ ୨୮୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୫୮ ଜଣ, ନବରଙ୍ଗପୁରରୁ ୩୩୪ ଜଣ, ନୟାଗଡ଼ରୁ ୨୭୩ ଜଣ, ନୂଆପଡ଼ାରୁ ୧୪୫ ଜଣ, ପୁରୀରୁ ୪୭୨ ଜଣ, ରାୟଗଡ଼ାରୁ ୧୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୦୫ ଜଣ, ସୋନପୁରରୁ ୭୩ ଜଣ, ସୁନ୍ଦରଗଡ଼ରୁ ୮୧୯ ଜଣ ଓ ଷ୍ଟେଟ୍ ପୁଲରୁ ୨୪୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକ ଅନୁଷ୍ଠିତ

# ଜିଲ୍ଲାସ୍ତରରେ ବ୍ୟାପକ ସଚେତନତା ଏବଂ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ଭୁବନେଶ୍ୱର: ରାଜ୍ୟରେ ବାଲ୍ୟବିବାହ ପ୍ରଥା ସଂପୂର୍ଣ୍ଣ ନିଷେଧ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ବ୍ୟାପକ ଯୋଜନାବଦ୍ଧ କାର୍ଯ୍ୟଖସଡ଼ା ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବାଲ୍ୟବିବାହ ନିଷେଧ ପାଇଁ ଜିଲ୍ଲା, ବ୍ଲକ୍ ଏବଂ ପଂଚାୟତସ୍ତରରେ ଗଠିତ ଟାସ୍କ ଫୋର୍ସ/କମିଟିଗୁଡ଼ିକ ଅଧିକ କ୍ରିୟାଶୀଳ ହେବା ସହ ବାଲ୍ୟବିବାହ ଦ୍ୱାରା କୋମଳମତି ଶିଶୁମାନଙ୍କ ମାନସିକ, ଶାରୀରିକ ନକାରାତ୍ମକ ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି କରି ଏହାକୁ ରୋକିବା ଦିଗରେ ସମସ୍ତ ଉଦ୍ୟମ କରିବାକୁ କୁହାଯାଇଛି । ସଂପ୍ରତି କୋଭିଡ୍-୧୯ ଦ୍ୱିତୀୟ ଲହରୀ ପରିପ୍ରେକ୍ଷୀରେ ବାଲ୍ୟବିବାହର ଶିକାର ହେଉଥିବା ଶିଶୁମାନେ ଖୁବ୍ ସମ୍ବେଦନପ୍ରବଣ ହୋଇପଡ଼ିଛନ୍ତି ଏବଂ ଆଗାମୀ ଦିନରେ ଆସୁଥିବା ଅକ୍ଷୟ ତୃତୀୟା ତିଥିରେ ଗଣବିବାହ ହେବା ସମ୍ଭାବନା ଥିବାରୁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଧର୍ମାନୁଷ୍ଠାନ, ମନ୍ଦିର ଏବଂ ବିବାହ ମଣ୍ଡପଗୁଡ଼ିକରେ ହେଉଥିବା ବିବାହଗୁଡ଼ିକରେ ଅନୁଷ୍ଠାନର ମୁଖ୍ୟମାନେ ଜନ୍ମ ପ୍ରମାଣପତ୍ରକୁ ଯାଂଚ କରବା ନିମନ୍ତେ ପଂଚାୟତିରାଜ ଓ ଆଇନ ବିଭାଗ ତରଫରୁ ପଦକ୍ଷେପ ନେବାକୁ ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ପ୍ରତ୍ୟେକ ଦୁଇ ମାସରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟିର ୧୧ତମ ବୈଠକ ଭର୍ଚୁଆଲ୍ ମାଧ୍ୟମରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲ୍ୟବିବାହ ନିଷେଧ କ୍ଷେତ୍ରରେ ସମ୍ମିଳିତ ଭାବେ ସହଭାଗିତାର ସହ କାର୍ଯ୍ୟ କରୁଥିବା ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ପଂଚାୟତିରାଜ ଓ ପାନୀୟଜଳ ଏବଂ ଆଇନ ଆଦି ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ୟୁନିସେଫ୍, ୟୁଏନ୍‌ଏଫ୍‌ପିଏ, ଆକ୍ସନ୍ ଏଡ୍, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ସିଆଇଡି, କ୍ରାଇମ ବ୍ରାଂଚ, ପୋଲିସର କର୍ମକର୍ତାମାନେ ଯୋଗଦେଇଥିଲେ । ବିଗତ ଦିନମାନଙ୍କରେ ଓଡ଼ିଶାରେ ବାଲ୍ୟବିବାହର ସ୍ଥିତି ଏବଂ ଭବିଷ୍ୟତରେ ବାଲ୍ୟବିବାହ ରୋକିବା ନିମନ୍ତେ ବିଭିନ୍ନ ଆକ୍ସନ୍ ପ୍ଲାନ୍ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପ୍ରମୁଖ ସଚିବ ଶ୍ରୀମତୀ ଗର୍ଗ ବର୍ତମାନ ସୁଦ୍ଧା ବାଲ୍ୟବିବାହ ନିଷେଧ ଦିଗରେ ନିଆଯାଇଥିବା ବହୁବିଧ ପଦକ୍ଷେପକୁ ପ୍ରଶଂସା କରିବା ସହ ଜିଲ୍ଲାସ୍ତରରେ ଅଧିକାରୀମାନଙ୍କ ଉଦ୍ୟମରେ ଅଧିକରୁ ଅଧିକ ଗାଁ ବାଲ୍ୟବିବାହମୁକ୍ତ ହୋଇପାରିଛି ବୋଲି କହିଥିଲେ । ୩୧ ମାର୍ଚ୍ଚ, ୨୦୨୧ ସୁଦ୍ଧା ରାଜ୍ୟର ୩୦୦୭ଟି ଗାଁ ସଂପୂର୍ଣ୍ଣ ବାଲ୍ୟବିବାହମୁକ୍ତ ହୋଇପାରିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ବାଲ୍ୟବିବାହ ରୋକିବା ଦିଗରେ ସୁଦକ୍ଷା ଯୋଜନା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବାଳିକାମାନେ ହଷ୍ଟେଲ୍‌ରେ ରହିବା ଆଦି କାର୍ଯ୍ୟକ୍ରମ ବେଶ ଫଳପ୍ରଦ ହୋଇଛି ବୋଲି ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଥିଲେ । ବାଲ୍ୟବିବାହରୁ ଉଦ୍ଧାର କରାଯାଇଥିବା କିଶୋରୀମାନଙ୍କୁ ପରବର୍ତୀ ସମୟରେ ଦକ୍ଷତା ବିକାଶ ମାଧ୍ୟମରେ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ପ୍ରମୁଖ ବିଭାଗଗୁଡ଼ିକର କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋକପାତ କରାଯାଇଥିଲା । ବିଶେଷ କରି ବାଳିକାମାନଙ୍କ ସୁରକ୍ଷା ଓ ନିରାପତାକୁ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲାସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାକୁ ବୈଠକରେ ମତପ୍ରକାଶ ପାଇଥିଲା । ନିର୍ଦ୍ଦେଶକ, ସମନ୍ୱିତ ଶିଶୁବିକାଶ ଏବଂ ସମାଜ କଲ୍ୟାଣ ଶ୍ରୀ ଅରବିନ୍ଦ ଅଗ୍ରୱାଲ ମହିଳା ଓ ବାଳିକାମାନେ ସମ୍ମୁଖୀନ ହେଉଥିବା ଯୌତୁକ ପ୍ରଥା, ଘରୋଇ ହିଂସା, କର୍ମସ୍ଥଳୀରେ ଯୌନ ନିର୍ଯାତନା, ମହିଳା ଚାଲାଣ ଆଦି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋକପାତ କରିବା ସହ ବିଭିନ୍ନ ସରକାରୀ ବିଭାଗ, ସହଭାଗୀ ସଂସ୍ଥା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ନାଗରିକ ଅନୁଷ୍ଠାନଗୁଡ଼ିକର ମିଳିତ ପ୍ରୟାସରେ ତଦାରଖ ପ୍ରକ୍ରିୟାକୁ ଆହୁରି ଜୋରଦାର କରିବା ସହ ମହିଳାମାନଙ୍କ ପାଇଁ ଓଡ଼ିଶାକୁ ଏକ ସୁରକ୍ଷିତ ରାଜ୍ୟରେ ପରିଣତ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରକାଶ ଥାଉ କି, ୨୦୧୯ ମସିହାରେ ୟୁନିସେଫ, ୟୁଏନ୍‌ଏଫ୍‌ପିଏ, ଆକ୍ସନ୍‌ଏଡ୍, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, କ୍ରାଇମ୍ ବ୍ରାଂଚ ଏବଂ ପୋଲିସ୍ ବିଭାଗ ଆଦିକୁ ଅନ୍ତର୍ଭୁକ୍ତ କରି ରାଜ୍ୟରେ ବାଲ୍ୟବିବାହ ରୋକିବା ନିମନ୍ତେ ରାଜ୍ୟସ୍ତରୀୟ ବାଲ୍ୟବିବାହ ନିଷେଧ କମିଟି ଗଠନ କରାଯାଇଥିଲା ।

## ଗରମ ସହି ନ ପାରି ଗଛରୁ ତଳକୁ ଖସି ଜୀବନ ହରାଇଲେଣି ଶତାଧିକ ବାଦୁଡ଼ି

ବାରିପଦା: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳି ଗାନ୍ଧୀପାର୍କ ଓ ପାର୍କକୁ ଲାଗିଥିବା ବଡ଼ ପୋଖରୀ ଆଡ଼ି ସହ ଅଷ୍ଟଲିଙ୍ଗେଶ୍ୱର ପକ୍ଷୀ ବିହାର ଭିତରେ ରହିଥିବା ଗଛଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିଥାନ୍ତି । ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବୃଦ୍ଧି ଘଟିଲେ ଏହି ବାଦୁଡ଼ିମାନେ ଗରମକୁ ସହି ନ ପାରି ଗଛରୁ ପାଚିଲା ଫଳ ଭଳି ତଳକୁ ଖସି ପଡ଼ନ୍ତି । ଏହି ସମୟରେ ତଳକୁ ଖସିପଡ଼ିଥିବା ବାଦୁଡ଼ିମାନଙ୍କୁ ପାଣି ପିଆଇ ସୁସ୍ଥ କରାଇବା ବଦଳରେ କେତେକ ହିଂସ୍ର ମଣିଷ ଏମାନଙ୍କୁ ନେଇ ତାର ମାଂସକୁ କାଟି ଖାଉଥିବା ବେଳେ ଅନ୍ୟ କେତେକ ପ୍ରତି କିଲୋଗ୍ରାମ ପିଛା ଏକ ହଜାରୁ ଟଙ୍କାରୁ ଆରମ୍ଭ କରି ୨/୩ ହଜାର ଟଙ୍କାରେ ଏମାନଙ୍କ ମାଂସକୁ ବିକ୍ରି କରିଥାନ୍ତି । ବାଦୁଡ଼ିମାନଙ୍କର ଏହି ପ୍ରକାରର ଦୁରାବସ୍ଥାକୁ ଦେଖି ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ବନଖଣ୍ଡ ଅଧିକାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ବାଦୁଡ଼ିମାନେ ବସବାସ କରୁଥିବା ଗଛଗୁଡ଼ିକରେ ପାଣି ସ୍ପ୍ରେ କରାଇଥାନ୍ତି ଏବଂ ଏହି ପାଣି ସ୍ପ୍ରେ ବାଦୁଡ଼ିମାନଙ୍କ ଜୀବନକୁ ସୁରକ୍ଷିତ କରାଇ ଦେଇଥାଏ । ମାତ୍ର ୨୦୧୯ରେ ପୌରପରିଷଦର ବୋର୍ଡ଼ ଭାଙ୍ଗିଯିବା ପରେ ବାଦୁଡ଼ିମାନଙ୍କ ଉପରେ ପାଣି ସ୍ପ୍ରେ କରାଯିବା କାର୍ଯ୍ୟ ବନ୍ଦ ହୋଇଗଲା । ଏହି ସମୟରେ ଚଳିତ ବର୍ଷ ବାରିପଦା ସହର ଓଡ଼ିଶାର ଉତପ୍ତ ସହରରେ ପରିଣତ ହୋଇ ସାରିଥିବା ବେଳେ ବାଦୁଡ଼ିମାନଙ୍କ ସୁରକ୍ଷା ନିମନ୍ତେ କାହାରି ଆନ୍ତରିକତା ନଥିବାରୁ ଶହ ଶହ ସଂଖ୍ୟାରେ ବାଦୁଡ଼ି ତଳକୁ ଖସି ଜୀବନ ହରାଉଛନ୍ତି । ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରିନଥିଲେ ।

### ପରିବାର ଆଗକୁ ଆସିଲେନି

# କରୋନା ମୃତ ସଂସ୍କାର କଲେ ସ୍ୱେଚ୍ଛାସେବୀ

କେନ୍ଦୁଝର: କରୋନା ଆକ୍ରାନ୍ତ ହୋଇ ଶୁଆକାଟୀରେ ହୋମ ଆଇସୋଲେସନରେ ଥିବା ଜଣେ କୋଭିଡ ପଜିଟିଭ ଆସିଥିଲା । ଏହା ପରେ ସେ ଘରେ ସଂଘରୋଧ ହୋଇ ଥିଲେ । ଗତ କାଲି ରାତି ଅପରାହ୍ନ ହେବା ପରେ ଶୁଆକାଟୀ ନାଏବ ସରପ□ ପ□ାନନ ବାରିକ,ଶୁଆକାଟୀ ୧୩ ୱାର୍ଡର ୱାର୍ଡ ମେମ୍ବର



ସୌମ୍ୟରଞ୍ଜନ ସାହୁ,ସମାଜସେବୀ ଅଞ୍ଜନ କୁମାର ବେଜ ତାଙ୍କ ଘରକୁ ଯାଇ ବାରଣ୍ଡାରେ ପଡିଥିବା ଶବକୁ ସଂସ୍କାର ପାଇଁ ଆଣିଥିଲେ । ପିପିଇ କିଟ ପିନ୍ଧି ଶୁଆକାଟୀ କଲେଜ ପଡିଆ ପଛ ପଟେ ସଂସ୍କାର କରାଯାଇଥିଲା । ଶବ ସଂସ୍କାର ବେଳେ ତାଙ୍କ ପୁଅ ସୂର୍ଯ୍ୟକାନ୍ତ ସେଠୀ,ବାଂଶପାଳ ବିଡିଓ ଉଗ୍ରସେନ ଓରାମ,ତହସିଲଦାର ସପନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

କରୋନା ଆକ୍ରାନ୍ତ ପ୍ରହଲ୍ଲାଦ ସେଠୀଙ୍କ ଗତ କାଲି ଅପରାହ୍ନରେ ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ଶବକୁ ଛୁଇଁଲେ କେହି ନାହିଁ କି ଆଜି ଶବ ସଂସ୍କାର ପାଇଁ ପରିବାର ଲୋକ ମଧ୍ୟ ଆଗକୁ ଆସିଲେନି । ଶୁଆକାଟୀ ମାଇନିଂ ଛକରେ ରହୁଥିବା ପ୍ରହଲ୍ଲାଦ ସେଠୀଙ୍କୁ(୬୩) କିଛି ଦିନ ହେବ ଜ୍ୱର ହେବା ପରେ କରୋନା ପରୀକ୍ଷା ପରେ ୪.୩୦ ତାଙ୍କର ମୃତ୍ୟୁ ହେବା ପରେ ଗାଁ ଲୋକ ମଧ୍ୟ କେହି ଆସିଲେ ନାହିଁ କି ସଂସ୍କାର ପାଇଁ ସହଯୋଗର ହାତ ବଢାଇଲେ ନାହିଁ । ଆଜି ୧୧ଟାରେ ପର୍ଯ୍ୟନ୍ତ ମୃତ ଦେହ ଘର ବାରଣ୍ଡାରେ ପଡି ରହିଥିଲା । ସ୍ଥାନୀୟ ପ୍ରଶାସନ ପକ୍ଷରୁ ବହୁ ଚେଷ୍ଟା ସ□େ କେହି ଶବ ସତ୍କାର ପାଇଁ ଆଗକୁ ଆସିଲେନି । ଶେଷରେ ଏହି ଖବର ପ୍ରଚାରିତ

### ଭୁବନେଶ୍ୱରରେ ଟେଷ୍ଟିଂ ଓ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ଦାବି କଲା ବିଜେପି

## କୋଭିଡ୍ ପରିସ୍ଥିତିରେ ବିଏମସି କମିଶନରଙ୍କୁ ରାଜଧାନୀବାସୀଙ୍କ ସମସ୍ୟା ଜଣାଇଲେ

ଭୁବନେଶ୍ୱର: ଭୁବନେଶ୍ୱରରେ କୋଭିଡ୍ ଚିକିତ୍ସା ପାଇଁ ଶଯ୍ୟା, ମେଡିସିନ, ଅକ୍ସିଜେନ ଅଭାବ କାରଣରୁ ପରିସ୍ଥିତି ସଂକଟାପନ୍ନ ହୋଇପଡିଛି । କୋଭିଡ୍ କାରଣରୁ ସୃଷ୍ଟି ହୋଇଥିବା ସାଂପ୍ରତିକ ପରିସ୍ଥିତିରେ ରାଜଧାନୀବାସୀଙ୍କ ମୌଳିକ ସମସ୍ୟା ସଂପର୍କରେ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ସୋମବାର ବିଏମସି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ ପ୍ରତିଦିନ କୋଭିଡ୍ ସଂକ୍ରମଣ ଦୃତ ଗତିରେ ବଢି ଚାଲିଥିବାବେଳେ କୋଭିଡ୍ ପରିଚାଳନାରେ ଅନେକ ତୃଟି ଓ ଅବହେଳା ସ୍ପଷ୍ଟ ପରିଲକ୍ଷିତ ହେଉଛି । ପ୍ରଥମତଃ କୋଭିଡ୍ ଟେଷ୍ଟ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି । ଦ୍ୱିତୀୟତଃ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଚିକିତ୍ସା ପାଇଁ ଡାକ୍ତରଖାନାଗୁଡିକରେ ଶଯ୍ୟାର ଅଭାବ, ଔଷଧର ଅଭାବ ସହ ଅକ୍ସିଜେନର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି । ଭୁବନେଶ୍ୱର ଏକ ଜନଗହଳିପୂର୍ଣ୍ଣ ଅଂଚଳ ହୋଇଥିବାରୁ ବିଭିନ୍ନ ଅଂଚଳକୁ ନିୟମିତ ଭାବେ ସାନିଟାଇଜ କରାଯାଉ ।

# କୋଭିଡ୍ ହସ୍ପିଟାଲରେ ଅକ୍ସିଜେନ ବ୍ୟବସ୍ଥା ଓ ଅଗ୍ନି ସୁରକ୍ଷା ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## - କୋଭିଡ୍ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ଅଧିକ ଫି ନେଲେ ଦୃଢ଼ କାର୍ଯାନୁଷ୍ଠାନ
## - ତୃତୀୟ ଲହରୀ ପାଇଁ ଏବେ ଠାରୁ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ

ଭୁବନେଶ୍ୱର: ଜିଲ୍ଲାସ୍ତରରେ କୋଭିଡ ଚିକିତ୍ସା କେନ୍ଦ୍ର ଗୁଡିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ମେଡିକାଲ ଅକ୍ସିଜେନ ସୁବିଧା ଉପରେ ୨୪ ଘଂଟିଆ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କୋଭିଡ ଚିକିତ୍ସା କରୁଥିବା ବେସରକାରୀ ମେଡିକାଲ ଉପରେ ସତର୍କ ଦୃଷ୍ଟି ରଖ । ସେମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଭିତରେ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ । ଯଦି ସେମାନେ ଏହା ନ କରନ୍ତି, ତେବେ ସଂପୃକ୍ତ ହସ୍‌ପିଟାଲ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅଧିକ କୋଭିଡ ସଂଖ୍ୟା ଥିବା ଅଂଚଳ ଗୁଡିକରେ ଟେଷ୍ଟିଂ, ଟ୍ରେସିଂ ଓ କଂଟେନମେଂଟକୁ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କୋଭିଡ ପରିଚାଳନା ସଂପର୍କିତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇସିୟୁ ଓ ଏଚଡିୟୁ ଦାୟିତ୍ୱରେ ଥିବା ଡାକ୍ତରମାନଙ୍କ ଠାରୁ ସିଧାସଳଖ ଫିଡବ୍ୟାକ୍ ନେଇ ସେମାନଙ୍କ ମତାମତ ଭିତିରେ ପଦକ୍ଷେପ ନିଅ ।

ଟୀକାକରଣ କାର୍ଯ୍ୟକ୍ରମ ପାଇଁ ତ୍ରୁଟି ଶୂନ୍ୟ ବ୍ୟବସ୍ଥା କରିବା , ବୟସ୍କ, ମହିଳା ଓ ଦୁର୍ବଳ ଶ୍ରେଣୀର ଲୋକଙ୍କର ଯତ୍ନ ନେବା କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୋଭିଡ ହସ୍‌ପିଟାଲ ଗୁଡିକରେ ହେଲ୍ପ ଲାଇନ ଗୁଡିକୁ ଅଧିକ କ୍ରିୟାଶୀଳ କରାଯାଉ ଏବଂ ରୋଗୀଙ୍କ ପରିବାର ବର୍ଗଙ୍କୁ ନିୟମିତ ସୂଚନା ଦିଆଯାଉ । ଏଭଳି କଠିନ ସମୟରେ ଦୁଃଖ ଓ ଦୈନ୍ୟରେ ଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବ୍ୟବହାର କରି ସାହାଯ୍ୟ କର । ଏହି ଯୁଦ୍ଧ ବହୁତ ଲମ୍ବା । ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଲକ୍‌ଡାଉନ ଲାଗୁ କରାଯାଇଛି । ଏହା ଠିକ୍ ଚାଲିଥିଲେ ମଧ୍ୟ କେତେକ ସ୍ଥାନରେ ଏଥିରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମେ ସଫଳତା ପାଇଛୁ ଏବଂ ଏହି କୋଭିଡ ମହାମାରୀ କ୍ଷେତ୍ରରେ ମଧ୍ୟ ଏହା ହିଁ ଉପଯୁକ୍ତ ପନ୍ଥା । ତେଣୁ ସହରାଂଚଳରେ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମାଂଚଳରେ ପଂଚାୟତ ପ୍ରତିନିଧି ମାନଙ୍କ ସକ୍ରିୟ ସହଯୋଗରେ ଲୋକଙ୍କ ସହାୟତା କରଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ ଟୀକାକରଣ ହେଉଛି ଆମର ମୁଖ୍ୟ ରଣନୀତି । ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ହେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ମାସ୍କ ବ୍ୟବହାର, ହାତ ଧୁଆ ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ଅନାବଶ୍ୟକ ଭାବେ ବାହାରେ ନ ବୁଲି ଘରେ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ବୈଠକରେ ଆଲୋଚନା ସମୟରେ ତୃତୀୟ ଲହରୀର ସମ୍ଭାବନା ସଂପର୍କରେ ତଥ୍ୟ ସଂଗ୍ରହ ସହିତ ସମ୍ଭାବ୍ୟ ମୁକାବିଲା ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୁରୀରେ ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ସେମାନଙ୍କ ପରିବାରବର୍ଗଙ୍କ ସଂପୂର୍ଣ୍ଣ ଟୀକାକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ ଯେ କୋଭିଡ ଅବଜରଭର ମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଅକ୍‌ସିଜେନ ବ୍ୟବସ୍ଥାର ୨୪ ଘଂଟିଆ ତଦାରଖ କରାଯାଉଛି । କୋଭିଡ କେୟାର କେନ୍ଦ୍ର ଗୁଡିକରେ ଅଧିକ ଆଇସିୟୁ ଓ ଭେଂଟିଲେଟର ଶଯ୍ୟାର ବ୍ୟବସ୍ଥା କରାଯାଇଛି ଏବଂ ଆହୁରି ଅଧିକ ଶଯ୍ୟା ପାଇଁ ପଦକ୍ଷେପ ଜାରି ରହିଛି ।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ ପି.କେ. ମହାପାତ୍ର କୋଭିଡ ପରିସ୍ଥିତି ଉପରେ ଏକ ଉପସ୍ଥାପନା ରଖି କହିଥିଲେ ଯେ ସାରା ବିଶ୍ୱରେ ବର୍ତମାନ ଭାରତର କୋଭିଡ ସଂକ୍ରମଣ ସଂଖ୍ୟା ୫୪ ପ୍ରତିଶତ ରହିଛି । ଓଡିଶାରେ ବର୍ତମାନର ସ୍ଥିତି ସଂପର୍କରେ ଆଲୋକପାତ କରି ସେ କହିଥିଲେ ଯେ ଓଡିଶାର କୋଭିଡ ସଂଖ୍ୟା ବର୍ତମାନ ଦେଶର କୋଭିଡ ସଂଖ୍ୟାର ୨.୭ ପ୍ରତିଶତ ରହିଛି । ସର୍ବଭାରତୀୟ ସ୍ତରରେ ମୃତ୍ୟୁ ହାର ୧.୦୯ ଓ ଓଡିଶାରେ ଏହା ୦.୪୦ ରହିଛି । ଖୋର୍ଦ୍ଧା ଓ କଟକ ଜିଲ୍ଲା ବ୍ୟତୀତ ଛତିଶଗଡ ସୀମାରେ ଜିଲ୍ଲା ଗୁଡିକରେ ଅଧିକ ପଜିଟିଭ କେସ୍ ରହୁଛି । ଓଡିଶାର ବର୍ତମାନ ଟେଷ୍ଟ ପଜିଟିଭିଟି ଗତ ୧୫ ଦିନ ଧରି ୨୦.୨ ରହିଛି । ରାଜ୍ୟରେ ବର୍ତମାନ ଦୈନିକ ୫୨.୯ ମେଟ୍ରିକ ଟନ୍ ଅକ୍‌ସିଜେନ ଖର୍ଚ୍ଚ ହେଉଛି ।

ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କୋଭିଡ ନିୟମାବଳୀର ଅନୁପାଳନ ଦିଗରେ ପୋଲିସର ପଦକ୍ଷେପ ସଂପର୍କରେ ସୂଚନା ଦେବା ସହିତ କହିଥିଲେ ଯେ କୋଭିଡ ନିୟମାବଳୀର ଉଲଙ୍ଘନ ପାଇଁ ବର୍ତମାନ ସୁଦ୍ଧା ୨୮ କୋଟି ୯୧ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ବିଭିନ୍ନ କୋଭିଡ ଚିକିତ୍ସାଳୟରେ ଅଗ୍ନି ନିୟନ୍ତ୍ରଣ ସଂପର୍କରେ ନିଆଯାଉଥିବା ପଦକ୍ଷେପ ଉପରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ । ବୈଠକରେ ସମ୍ବଲପୁର, ବରଗଡ, ପୁରୀ, କଟକ ଓ ଭୁବନେଶ୍ୱର ମହାନଗର ନିଗମରେ କୋଭିଡ ପରିଚାଳନା ସଂପର୍କରେ ଜିଲ୍ଲାପାଳ ଓ କମିଶନର ମାନେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ବୈଠକକୁ ସଂଯୋଜନା କରିଥିଲେ ।

### ଓଜେଇଇ ଆବେଦନ ଜୁନ୍ ୧୫ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୧୪।୫(ପି.ଏନ): ଓଡିଶା ଜଏଂଟ ଏଂଟ୍ରାନ୍ସ ଏକଜାମିନେସନ୍ (ଓଜେଇଇ) ପାଇଁ ଆବେଦନ ଅବଧି ଜୁନ୍ ୧୫ କୁ ବୃଦ୍ଧି କରାଯାଇଛି । ସେହିପରି ଫି ଦାଖଲର ଶେଷ ତାରିଖ ଜୁନ୍ ୧୭କୁ ବୃଦ୍ଧି କରାଯାଇଛି । କରୋନା ସଂକ୍ରମଣକୁ ରୋକିବା ପାଇଁ ସାରା ରାଜ୍ୟରେ ଲକ୍ ଡାଉନ୍ ଜାରି ରହିଥିବାରୁ ଏହି ନିଷ୍ପତି ନିଆଯାଇଛି । ପୂର୍ବରୁ ଓଜେଇଇ ଆବେଦନ ଅବଧି ମଇ ୧୫ ଯାଏ ଥିଲା ଏବଂ ଜୁନ୍ ୧୭ରୁ ୨୪ ଯାଏଁ ପରୀକ୍ଷା ପାଇଁ ଧାର୍ଯ୍ୟ କରାଯାଇଥିଲା ।

# ଆଗକୁ ସ୍ଥିତି କଣ ହେବ, ଆକଳନ କରିହେଉନାହିଁ

ଭୁବନେଶ୍ୱର: କୋଭିଡ୍ ପଜିଟିଭ ହେଲେ ତରବର ହୋଇ ହସ୍ପିଟାଲ ଆସନ୍ତୁ ନାହିଁ । ହୋମ୍ ଆଇସୋଲେସନରେ ରହନ୍ତୁ, ଯାହାକୁ ଜରୁରୀ ସେ ହସ୍ପିଟାଲ ଆସନ୍ତୁ । ପଜିଟିଭ୍ ଚିହ୍ନଟ ହେଲେ ଘରେ ରହନ୍ତୁ । ଘରେ ରହି ପ୍ରଶାସନ ସହ ଯୋଗାଯୋଗ କରି ଚିକିତ୍ସିତ ହୁଅନ୍ତୁ । ଯଦି ଅବସ୍ଥା ଗୁରୁତର ହେଲା ଆମ୍ବୁଲାନ୍ସ ଯାଇ ଆଣିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି । ଏହାସହ ଜଣେ ଗୁରୁତର ରୋଗୀକୁ ହସ୍ପିଟାଲରେ ଚିକିତ୍ସା ସୁବିଧା ଦିଅନ୍ତୁ ବୋଲି ସମସ୍ତଙ୍କୁ ଅପିଲ୍ କରିଛନ୍ତି ।

ସେ କହିଛନ୍ତି ଯେ ରାଜ୍ୟରେ ଏବେ ୩୩% ସାଧାରଣ ବେଡ୍, ୬୯% ଆଇସିୟୁ , ୩୫% ଭେଂଟିଲେଟର ବ୍ୟବହୃତ ହେଉଛି । ରାଜ୍ୟରେ ଅକ୍ସିଜେନର କୌଣସି ଅଭାବ ହେବ ନାହିଁ । ୪୩ ହଜାର ରେମଡେସିଭିର ଷ୍ଟକ୍ ଅଛି । କୋଭିଡ୍ ନିୟମ ମାନିଲେ ହିଁ କରୋନାକୁ ଆମେ ରୋକିପାରିବା । କୋଭିଡ୍ ନିୟମ ମାନନ୍ତୁ, ମାସ୍କ ପିନ୍ଧନ୍ତୁ, ଗହଳି କରନ୍ତୁନି କି ଗହଳି ସ୍ଥାନକୁ ଯାଆନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଛନ୍ତି ।

କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ଦ୍ୱିତୀୟ ଲହରୀ ଏତେ ଭୟାନକ ହେବ ବୋଲି କେହି ଭାବିନଥିଲେ । ଦେଶରେ ୮ ଦିନ ହେଲା ୩.୫ ଲକ୍ଷରୁ ଅଧିକ କେସ୍ ଆସୁଛି । ଏବେ ଦେଶର ୮୦ ପ୍ରତିଶତ କେସ୍ ୮/୯ଟି ରାଜ୍ୟରୁ ଆସୁଛି । ଆଉ ସଂକ୍ରମଣରେ ଜାତୀୟ ହାରରେ ଓଡ଼ିଶାର ଭାଗ ପ୍ରାୟ ୧.୮% ରହିଛି । ଏହାସହ ଆଜି ସଂକ୍ରମଣରେ ସର୍ବକାଳୀନ ରେକର୍ଡ ୮୬୮୧ ରହିଛି । ଏହାସହ ଆମେ ରାଜ୍ୟରେ ଟେଷ୍ଟିଂ ବଢ଼ାଇଛୁ, ୨୫ ହଜାର ଆରଟିପିସିଆର ଲକ୍ଷ୍ୟ ରଖାଯାଇଛି । ପଶ୍ଚିମବଙ୍ଗ, ଛତିଶଗଡ଼ ସୀମା ସିଲ୍ କରି ସଂକ୍ରମଣ ନିୟନ୍ତ୍ରଣ ଚେଷ୍ଟା କରାଯାଉଛି । ଦେଶର ସ୍ଥିତି କେଉଁ ଆଡ଼କୁ ଯିବ, କେହି ଆକଳନ କରିପାରୁନାହାନ୍ତି । ତେଣୁ ଯେତେ ପଦକ୍ଷେପ ନେଲେ ବି କୋଭିଡ ଲହର ଏପର୍ଯ୍ୟନ୍ତ କମିନାହିଁ । ହସ୍ପିଟାଲ ବ୍ୟବସ୍ଥା ଅନୁଯାୟୀ ଏବେ ଠିକ ଅବସ୍ଥାରେ ଅଛୁ । ଏହାସହ ଆଗକୁ ସ୍ଥିତି କଣ ହେବ, କିଛି ଆକଳନ କରିହେଉନାହିଁ ବୋଲି କହିଛନ୍ତି ପ୍ରଦୀପ୍ତ ମହାପାତ୍ର ।

ଅପରପକ୍ଷରେ ରାଜ୍ୟରେ ପ୍ରାୟ ୧.୯୩ କୋଟି ୧୮ରୁ ୪୪ ବର୍ଷର ଲୋକ ଅଛନ୍ତି । ସମସ୍ତଙ୍କୁ ମାଗଣାରେ ଟିକା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଟିକା ପାଇଁ ଦୁଇ କଂପାନୀକୁ ରାଜ୍ୟ ସରକାର ଅର୍ଡର କରିଛନ୍ତି । କେବେ ଆମ ପାଖରେ ଟିକା ପହଂଚିବ, କିଛି ସ୍ପଷ୍ଟ ସୂଚନା ମିଳିନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ।

କରୋନା ଟିକା ପହଂଚିଲେ ୧୮-୪୪ ବର୍ଗଙ୍କୁ ଟିକାକରଣ ଆରମ୍ଭ କରାଯିବ । ଟିକା କିଣା ବାବଦରେ ଗତକାଲି ଔଷଧ ନିଗମକୁ ୭୦୦ କୋଟି ଦେଇଛୁ । ସମସ୍ତେ ଟିକା ପାଇଁ ପଂଜୀକରଣ କରନ୍ତୁ, ଟିକା ଆସିଲେ ଦିଆଯିବ । ପ୍ରଥମ ଡୋଜ୍ ନେଇଥିବା ବ୍ୟକ୍ତିଙ୍କୁ ୨ୟ ଡୋଜ ପାଇଁ ଅଗ୍ରାଧିକାର ମିଳିବ ବୋଲି ସେ କହିଛନ୍ତି ।




# ଟ୍ରେନ ସେବା ବାତିଲ ଓ ଆଂଶିକ ବାତିଲ

ଭୁବନେଶ୍ୱର: ଦୈନନ୍ଦିନ ଚଳାଚଳ କରୁଥିବା ପାଂ ଚ ଯୋଡ଼ା ମେମୁ/ପାସେଞ୍ଜର ବିଶେଷ ଟ୍ରେନ ୩୧ ମଇ ପର୍ଯ୍ୟନ୍ତ ବାତିଲ ରହିବ, ନଅ ଯୋଡ଼ା ମେମୁ/ପାସେଞ୍ଜର/ଏକ୍ସପ୍ରେସ ବିଶେଷ ଟ୍ରେନ ସ୍ଥିରୀକୃତ ଦିନମାନଙ୍କରେ ବାତିଲ ରହିବ । ତିନି ଯୋଡ଼ା ବିଶେଷ ଟ୍ରେନ ଆଂଶିକ ବାତିଲ ରହିବ । ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଏବଂ କୋଭିଡ୍ ୧୯ ସଂକ୍ରମଣ ମାମଲା ବୃଦ୍ଧିର ଶୃଙ୍ଖଳାକୁ ଭାଙ୍ଗିବା ସହିତ କମ ପୃଷ୍ଠପୋଷକତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ସ୍ଥାନୀୟ ପାସେଞ୍ଜର/ମେମୁ/ଏକ୍ସପ୍ରେସ ଟ୍ରେନକୁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି ।

ପାଂଚ ଯୋଡ଼ା ସ୍ଥାନୀୟ ପାସେଞ୍ଜର/ମେମୁ ବିଶେଷ ଟ୍ରେନ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ରହିବ । ଏହି ଟ୍ରେନ୍ ଗୁଡିକ ହେଲା - ୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ଼ - ଭୁବନେଶ୍ୱର ବିଶେଷ ଟ୍ରେନ । ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ। ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ । ୦୮୪୬୧/୦୮୪୬୨ କଟକ-ପାରାଦୀପ-କଟକ ବିଶେଷ ଟ୍ରେନ । ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ । ତିନି ଯୋଡ଼ା ସ୍ଥାନୀୟ ପାସେଞ୍ଜର/ମେମୁ ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ମଇ ମାସ ୨୨, ୨୩, ୨୬, ୨୯ ଓ ୩୦ ତାରିଖ ଦିନ ବାତିଲ ରହିବ। ଏହି ଟ୍ରେନ୍ ଗୁଡିକ ହେଲା - ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ । ୦୮୪୩୨/୦୮୪୩୧ ପୁରୀ-କଟକ-ପୁରୀ ବିଶେଷ ଟ୍ରେନ । ୦୮୪୩୩/୦୮୪୩୪ ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ବିଶେଷ ଟ୍ରେନ । ଏଗୁଡିକ ବ୍ୟତୀତ, କିଛି ସ୍ଥାନୀୟ ଯାତ୍ରୀ / ଗରଗଟ ସ୍ପେଶାଲ୍ ଟ୍ରେନ୍ ଏବଂ କିଛି ଏକ୍ସପ୍ରେସ୍ ସ୍ପେଶାଲ୍ ଟ୍ରେନ୍ ସ୍ଥିରୀକୃତ ଦିନମାନଙ୍କରେ ନିମ୍ନମତେ ବାତିଲ୍ ରହିବ ।

ଏହି ଟ୍ରେନ୍ ଗୁଡିକ ହେଉଛି - ୦୮୫୨୮/୦୮୫୨୭ ବିଶାଖାପାଟନମ୍-ରାୟପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ ବିଶାଖାପାଟନମ୍ ରୁ ୨୪ ରୁ ୩୧ ମଇ ପର୍ଯ୍ୟନ୍ତ ଏବଂ ରାୟପୁରରୁ ୨୪ ମଇରୁ ୧ ଜୁନ୍, ୨୦୨୧ ପର୍ଯ୍ୟନ୍ତ ବାତିଲ ରହିବ । ୦୮୩୦୧/୦୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ମଇ ମାସ ୨୨, ୨୩, ୨୯ ଓ ୩୦ ତାରିଖ ଦିନ ବାତିଲ ରହିବ । ୦୮୪୪୫/୦୮୪୪୬ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱରରୁ ମଇ ମାସ ୨୩ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଜଗଦଲପୁରରୁ ମଇ ମାସ ୨୪ ରୁ ୧ ଜୁନ୍ ପର୍ଯ୍ୟନ୍ତ ବାତିଲ ରହିବ । ୦୮୫୧୫/୦୮୫୧୬ ବିଶାଖାପାଟନମ୍-କିରନ୍ଦୁଲ-ବିଶାଖାପାଟନମ୍ ସ୍ପେଶାଲ୍ ବିଶାଖାପାଟନମ୍ରୁ ମଇ ମାସ ୨୨ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ କିରନ୍ଦୁଲରୁ ୨୩ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ବାତିଲ୍ ରହିବ । ୦୮୪୯୩/୦୮୪୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ମଇ ମାସ ୨୯ ଓ ୩୦ ତାରିଖ ଦିନ ବାତିଲ ରହିବ । ୦୨୮୯୨/୦୨୮୯୧ ଭୁବନେଶ୍ୱର-ବାଙ୍ଗିରିପୋସି-ଭୁବନେଶ୍ୱର ସ୍ପେଶାଲ ଭୁବନେଶ୍ୱରରୁ ମଇ ମାସ ୨୯ ଓ ୩୦ ତାରିଖ ଦିନ ଏବଂ ବାଙ୍ଗିରିପୋସିରୁ ମଇ ମାସ ୩୦ ଓ ୩୧ ତାରିଖ ଦିନ ବାତିଲ ରହିବ । ସେହିଭଳି, ତିନୋଟି ଯୋଡି ସ୍ୱତନ୍ତ୍ର ଟ୍ରେନ୍ ନିମ୍ନଲିଖିତ ଦିନ / ତାରିଖ ଅନୁଯାୟୀ ଆଂଶିକ ବାତିଲ୍ ହୋଇ ରହିବ -

- ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ସ୍ପେଶାଲ ୨୪, ୨୫, ୨୭, ୨୮ ଓ ୩୧ ତାରିଖ ଦିନ ଉଭୟ ଦିଗରୁ ପୁରୀ ଓ ତାଳଚେର ମଧ୍ୟରେ ଚଳାଚଳ କରିବ ଏବଂ ତାଳଚେର ଓ ଅନୁଗୁଳ ମଧ୍ୟରେ ବାତିଲ ରହିବ ।
- ୦୨୦୯୭/୦୨୦୯୮ ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ସ୍ପେଶାଲ ଭୁବନେଶ୍ୱର ଠାରୁ ୨୩ ରୁ ୩୧ ମଇ ମଧ୍ୟରେ ଏବଂ ଜୁନାଗଡ଼ ରୋଡ଼ ଠାରୁ ୨୪ ମଇ ରୁ ଜୁନ ପହିଲା ମଧ୍ୟରେ ଉଭୟ ପାର୍ଶ୍ୱରୁ ଭୁବନେଶ୍ୱର ଏବଂ ରାୟାଗଡା ମଧ୍ୟରେ ଚଳାଚଳ କରିବ ଏବଂ ରାୟାଗଡା ଏବଂ ଜୁନାଗଡ଼ ରୋଡ ମଧ୍ୟରେ ବାତିଲ ରହିବ ।
- ୦୮୩୦୧/୦୮୩୦୨ ସମ୍ବଲପୁର-ରାୟାଗଡା-ସମ୍ବଲପୁର ସ୍ପେଶାଲ୍ ୨୪ ରୁ ୩୧ ମଇ ମଧ୍ୟରେ (ମଇ ୨୯ ଓ ୩୦ ତାରିଖକୁ ଛାଡି) ଉଭୟ ପାର୍ଶ୍ୱରୁ ସମ୍ବଲପୁର ଏବଂ ଟିଟିଲାଗଡ ମଧ୍ୟରେ ଚଳାଚଳ କରିବ ଏବଂ ଟିଟିଲାଗଡ ଏବଂ ରାୟାଗଡା ମଧ୍ୟରେ ବାତିଲ ରହିବ ।

କମ ପୃଷ୍ଠପୋଷକତା ପାଇଁ ସିଆଲଦା-ପୁରୀ-ସିଆଲଦା ସ୍ପେଶାଲ୍ ବାତିଲ୍ -

୦୨୨୦୧/୦୨୨୦୨ ସିଆଲଦା-ପୁରୀ-ସିଆଲଦା ବିଶେଷ ଟ୍ରେନ ସିଆଲଦାରୁ ମଇ ମାସ ୧୯ ତାରିଖ ଠାରୁ ଏବଂ ପୁରୀରୁ ମଇ ମାସ ୨୦ ତାରିଖ ଠାରୁ କମ ପୃଷ୍ଠପୋଷକତା ହେତୁ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ବାତିଲ୍ ରହିବ ।

# ଭୁବନେଶ୍ୱରରେ ୨୪ ଘଂଟାରେ ୧୦୮୪ ପଜିଟିଭ୍

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରରେ କରୋନାର ହଜାରେ ଟ୍ରେଣ୍ଡ ଜାରି ରହିଛି । ରବିବାର ଦିନ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ଆଉ ୧୦୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୩୬୧୪ କୁ ବୃଦ୍ଧି ପାଇଛି। ଆଜି ୨୧୩ ଜଣ କ୍ୱାରେଂଟାଇନ୍ ମାମଲା ରହିଥିବା ବେଳେ ୮୭୧ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୯୦୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରାଯାଇଛି।

ଆଜି ଚିହ୍ନଟ ହୋଇଥିବା ୮୭୧ ଲୋକାଲ୍ କେସ ଭିତରୁ ସର୍ବାଧିକ ନୟାପଲ୍ଲୀରୁ ୫୩ ଜଣ , ପଟିଆରୁ ୫୨ ଜଣ ରହିଥିବା ବେଳେ ଖଣ୍ଡଗିରିରୁ ୪୪ ଜଣ, ଓଲ୍ଡଟାଉନ୍ ରୁ ୪୧ ଜଣ ,ରସୁଲଗଡରୁ ୪୦, ଡୁମଡୁମାରୁ ୩୩ , ବରମୁଣ୍ଡାରୁ ୩୨ , ଝାରପଡାରୁ ୩୧ ଜଣ ଆକ୍ରାନ୍ତ ରହିଛନ୍ତି।

ସେହିପରି ଓଲ୍ଡ ଟାଉନ୍ ଓ ନୟାପଲ୍ଲୀରୁ ୧୬ ଲେଖାଏଁ ,ଶୈଳଶ୍ରୀବିହାରରୁ ୧୩, ବଡଗଡରୁ ୧୦, ଖଣ୍ଡଗିରିରୁ ୯ ଜଣ ଲେଖାଏଁ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୫୩୦ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୪୨୧୫୫ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୦୦୭୫ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୭୯ ରହିଛି।

# ଭଦ୍ରକରୁ ୨ ଦିନରେ ଚିହ୍ନଟ ହେଲେ ୩୪୬, ଜଣେ ମୃତ : ସକ୍ରିୟ ଆକ୍ରାନ୍ତ ୯୮୩

ଭଦ୍ରକ: ଗତ ୨ ଦିନରେ ଭଦ୍ରକ ଜିଲ୍ଲାରେ ମୋଟ ୩୪୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇ ୯ ହଜାର ୧୫୨। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇଛନ୍ତି ୮ହଜାର ୧୪୦। ଏବେ ସକ୍ରିୟ ଅଛନ୍ତି ୯୮୩ ଜଣ। ୨ ଦିନରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ କିମ୍ସ ହସ୍ପିଟାଲରେ ୨ଜଣ, ଏସ୍ସିବିରେ ୫ଜଣ ଏବଂ ଆପୋଲୋରେ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକର ଅର୍ଣ୍ଣପାଳ, ବନ୍ଧଗାଁ, କୋଡବରୁଆଁ, ବହୁଦରଡ଼ା, ବିଷ୍ଣୁପୁରବିନ୍ଧା, ଡଗରାସାହି, ଗେଲପୁର, ଏରେଇଁ, ଗୁଜିଦରଡା, କାଉପୁର, ରାହାଞ୍ଜା, ରାନ୍ଦିଆ, ସାହାଡ଼ା, କୋରକୋରା, ହରିପୁର, କଲେଇ, ଓଲଙ୍ଗ, ସାବରଙ୍ଗ ଗ୍ରାମରୁ ମୋଟ ୫୫ଜଣ। ଧାମନଗର ବ୍ଲକର ଅର୍ଜୁନପୁର, ବିନ୍ଧା, ଧୁଷୁରୀ, କଳେଇପଦା, ନଦୀଗାଁ, ନାରାୟଣପୁର, ଭଗବାନପୁର, ଦୋବଲ, କଟସାହି, ଦକ୍ଷିଣ କୋରୁଆ, କାଠମୁଣ୍ଡା,ପିତେଇପୁର ଗ୍ରାମରୁ ୧୭ଜଣ। ବାସୁଦେବପୁର ପୌରପାଳିକାର ୪ନଂ, ୧୧ନଂ, ୧୫ନଂ ଓ ୭ନଂ ୱାର୍ଡରୁ ୭ଜଣ, ଭଦ୍ରକ ପୌରପାଳିକାର ୧୭, ୯,୧୦, ୧୫, ୧୧, ୭, ୬,୧, ୩, ୫, ୧୨, ୧୩, ୧୪, ୨୬, ୩୦ ନଂ ୱାର୍ଡରୁ ୪୩ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଚାନ୍ଦବାଲି ଏନ୍ଏସିର ୧୦ ନଂ ଓ ୧୧ ନଂ ଓ ୪ ନଂ ୱାର୍ଡରୁ ୫ଜଣ, ବାସୁଦେବପୁର ବ୍ଲକର ବିଦେଇପୁର, ଗୋବିନ୍ଦପୁର, ବିନାୟକପୁର, ବ୍ରାହ୍ମଣୀଗାଁ, ରାଜଘରପୋଖରୀ, ଚୁଡାମଣି, ଇରମ. ଏଡତାଳ, ଗୁଆଗଡ଼ିଆ, କିସ୍ମତକୃଷ୍ଣପୁର, ଉହାଡ଼, ନରସିଂହପୁର, ପଦୁଆଁ, ଗୁଆଗାଁ, ସୁଦର୍ଶନପୁର, ସୁଗୋ, କ□ସାହି,କୁମାରପୁର, ଲୁଙ୍ଗା, ନରସିଂହପୁର, ପଦ୍ମପୁର, ଅଡୁଆଁରୁ ୫୯ଜଣ। ଚାନ୍ଦବାଲି ବ୍ଲକର ଭୁଇଁବୃ□, ଘ□ଶ୍ୱର, ହେଙ୍ଗୁପତି, ଧାମରା, ବାଲିପାଟଣା, ମତୋ, ମଉସୁଧା, ଜନ୍ତୁଆଳି, ବିରିଆଡିଆ, ଚଡଦିଆ, ମଧୁପୁର, ବାଂଶଡା ଗ୍ରାମରୁ ୨୦ଜଣ, ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ, ଦକ୍ଷିଣବାଡ, କୁରିଗାଁ, ସାତଶୋଳା, ନିର୍ଗୁଣ୍ଡି, ବେଲଗଡ଼ିଆ, ରାଜେନ୍ଦ୍ରପୁର, ସୁନି, ଓଲା, ସରସଦା, ମହୁଲିସାହି, ଗୁଣ୍ଡୁପୁରୁ, ନୂଆଗାଁ, ମିଟୁଆଣି, ଛତାବର, ପୁରୁଷୋ□ମପୁର, ବଡ଼ବନସ୍ତା ଗ୍ରାମରୁ ୩୯ଜଣ। ବନ୍ତ ବ୍ଲକର ଅଣିକୋ, ଆଡିଆ, ଆପତୀରା, ହରିପର, ଚାରିଗାଁ, ଗୋପିନାଥପୁର, କାଦବରାଙ୍ଗ, ଆମ୍ଭୋର, ରାମପୁର, ତୁଣ୍ଡା, ଏରେଣ୍ଡି, ଟିଲୋ, ବି.ଟି.ପୁର, ଚକ୍ରାପାଢି, ଗୋବିନ୍ଦପୁର, କେନ୍ଦୁଆପଦା, ନୂଆପୋଖରୀ, ରାମଚନ୍ଦ୍ରପୁର, ରାମକୃଷ୍ଣପୁର, ତୋଡଗାଁ ଗ୍ରାମର ମୋଟ ୩୮ଜଣ ଚିହ୍ନଟ ହୋଇଛନ୍ତି।

# ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ନଷ୍ଟ ପଥରେ

କେନ୍ଦୁଝର: କେନ୍ଦୁଝରଗଡ ପୌରା□ଳର ରା୍ତା ପ୍ରଶସ୍ତିକରଣ ପରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ୨୦୧୭ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଡ ଏନ ତିରୁମାଲ୍ଲ ନାୟକଙ୍କ ପ୍ରଚେଷ୍ଟାରେ ସିରାଜୁଦ୍ଦିନ ଖଣି କମ୍ପାନୀ ସହାୟତାରେ ଗାନ୍ଧୀ ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟ' ରାସ୍ତାରେ ମଝିରେ ଥିବା ଡିଭାଇଡର ମଝିରେ ତାର ଜାଲି ମଧ୍ୟରେ ୧୭୦ ଟି ମୂଲ୍ୟବାନ ରୟାଲ ପାମ ଗଛ ଲଗାଯିବା ସହ ମିନି ଟଗର,କାମିନୀ,ଏକଜରା ଗଛ ଲଗାଯାଇଥିଲା। କମ୍ପାନୀର ସିଏସ୍ଆର ରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୭ ଆରମ୍ଭ ହୋଇଥିବା ବୃକ୍ଷରୋପଣ ୨୦୧୮ ମସିହାରେ ଶେଷ ହୋଇଥିଲା। ବୃକ୍ଷରୋପଣ ପରେ ଖଣି କମ୍ପାନୀ ପକ୍ଷରୁ ଟ୍ୟାଙ୍କର ସହାୟତାରେ ୨ ବର୍ଷ ଧରି ପାଣି ଦିଆଯାଇଥିଲା। ପରେ ପୌରପାଳିକା ପକ୍ଷରୁ ପାଣି ଦିଆଯାଉଥିଲା। ଚଳତ ବର୍ଷ ଖରା ଦିନରେ ନିୟମିତ ପାଣି ଦିଆନଯିବା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବହୁ ମୂଲ୍ୟବାନ ରୟାଲ ପାମ ଗଛ ଶୁଖି ନଷ୍ଟ ହୋଇ ରାସ୍ତା ଆଡକୁ ଢଳିଗଲାଣି। ଗଛ ଗୁଡିକ ଭାଙ୍ଗି ରାସ୍ତାର ଉଭୟ ପାର୍ଶ୍ୱରେ ଢଳି ରହିଥିଲେ ହେଁ ପୌର ପ୍ରଶାସନର ନଜର ନପଡିବା ଦୂର୍ଭାଗ୍ୟଜନକ। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ଯବାନ ରୟାଲ ପାମ ଗଛ ଗୋଟିଏ ପରେ ଗୋଟିଏ ନଷ୍ଟ ହେଉଥିବାବେଳେ ପୌରାପଳିକା ପକ୍ଷରୁ ନିୟମିତ ପାଣି ଦିଆଯିବା, ଗଛ ମୂଳକୁ ସଫା କରିବା ଆଦି କାର୍ଯ୍ୟ କରା ନଗଲେ ଆଗାମି ଦିନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଯୋଜନା ପାଣିରେ ପଡିବ।

# ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୧୯୯ କରୋନା ପଜିଟିଭ ଚିହ୍ନଟ

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ କୋଭିଡ୍-୧୯ର ଦ୍ୱିତୀୟ ଲହର ଜିଲ୍ଲାରେ ଉପର ମୁହାଁ ହେବାରେ ଲାଗିଛି । ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୮,୦୧୫ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୧୯୯ ଜଣ କୋଭିଡ୍-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ଏବଂ ଜିଲ୍ଲାରେ ଆକ୍ରାନ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୭,୪୮୫ରେ ପହଂଚିଛି । ସେହିପରି ମଇ ୧ ପର୍ଯ୍ୟନ୍ତ ଜିଲ୍ଲାରୁ ୧୫,୫୨୮ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୧,୮୬୪ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, କୋଭିଡ୍ କେୟାର ସେଂଟର, କୋଭିଡ୍ ହସପିଟାଲ, ଟିଏମସି ସେଂଟର, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼ ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସିତ ହେଉଛନ୍ତି ଏବଂ ଅଦ୍ୟାବଧି କୋଭିଡ୍-୧୯ ଭୂତାଣୁରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୋଟ୍ ୯୩ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

ପ୍ରକାଶ ଥାଉକି, ଗତ ୨୦୨୦ ସେପ୍ଟେମ୍ବର ମାସରେ ଜିଲ୍ଲାରୁ ସର୍ବାଧିକ ୪,୬୧୫ ଜଣ ପଜିଟିଭ ଓ ଅକ୍ଟୋବର ମାସରେ ଦ୍ୱିତୀୟ ସର୍ବାଧିକ ଭାବେ ୩,୨୭୫ ପଜିଟିଭ ଚିହ୍ନଟ ହେବା ପରେ ୨୦୨୧ ଏପ୍ରିଲ ମାସରେ ତୃତୀୟ ସର୍ବାଧିକ ଭାବେ ୨୬୧୧ ପଜିଟିଭ ଚିହ୍ନଟ ହୋଇଛନ୍ତି ।

# ସଚେତନ ନାଗରିକ ମ□ ସଭାପତି କିଶୋର ଦାଶଙ୍କ ଦାବୀ

ବାରିପଦା: ଅତୀତରେ ବାରିପଦା ମ୍ୟୁନସିପାଲିଟି ଏବଂ ବାରିପଦା ବ୍ଲକ ଅଧିନରେ ଯେତିକି ସରକାରୀ ଜମି ଇଡକୋକୁ ଶିଳ୍ପ ସ୍ଥାପନ ନିମନ୍ତେ ଆବ□ନ କରାଯାଇଛି, ତାହାକୁ ଆଜି ପର୍ଯ୍ୟନ୍ତ ଇଡକୋ ସୁବିନିଯୋଗ କରିପାରି ନାହିଁ । ବାରିପଦାସ୍ଥ ତକତପୁର, ଛା□ଠାରେ ବିଭିନ୍ନ ଶିଳ୍ପ ସଂସ୍ଥା ନିମନ୍ତେ ଯେଉଁ ଘର ଆବ□ନ କରାଯାଇଥିଲା, ତାହା କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି, ସେଥି ମଧ୍ୟରୁ କେତେକ ଘର ଭାଙ୍ଗିବାକୁ ବସିଲାଣି କିଁ ଇଡକୋ ତା ଉପରେ ଧ୍ୟାନ ଦେଉ ନାହିଁ ବା ସଂପୃକ୍ତ ଶିଳ୍ପା□ଳ ସେତ କିପରି କାର୍ଯ୍ୟକ୍ଷମ ହେବ ଡି.ଆଇ.ସି. ଏବଂ ଇଡକୋ ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି । ସେହିପରି ବଡଜୁଡ ନିକଟରେ ଯେଉଁ ଜମି ଇଡକୋକୁ ଆବ□ନ କରାଯାଇଛି ତାହା ମଧ୍ୟ ବହୁ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ବ□ମାନ ଇଡକୋ ପ୍ରାୟ ୧୦୦ ଏକର ସରକାରୀ ଜମି ବାରିପଦା ପାଖାପାଖି ନେବା ପାଇଁ ଚାହୁଁଛି ଏବଂ ଜିଲ୍ଲା ପ୍ରଶାସନ ବ□ମାନ ବାରିପଦା ପାଖାପାଖି ସରକାରୀ ଜମି ଇଡକୋକୁ ଆବ□ନ କରିବାକୁ ପ୍ରସ୍ତୁତି ଚଲାଇଛି, ଯାହା କୌଣସି ଦୃଷ୍ଟିରୁ ଯୁକ୍ତି ଯୁକ୍ତ ନୁହେଁ ଅନ୍ୟ ପକ୍ଷରେ ମୋରଡା ନିର୍ବାଚନ ମଣ୍ଡଳୀରେ ରାସ୍ତା, ଘାଟ, ବିଦ୍ୟୁତ ଯୋଗାଣ ଓ ଆନୁସଙ୍ଗିକ ସୁବିଧା ସୁଯୋଗ ଅଛି । ଶୁଳିଆପଦାରେ ଏକ କାଗଜ କଳ ନିମନ୍ତେ ବହୁ ଦିନର ଦାବୀ ହୋଇ ଆସୁଛି । ତେଣୁ ଜିଲ୍ଲା ପ୍ରଶାସନ ଇଡକୋକୁ ମୋରଡା ନିର୍ବାଚନ ମଣ୍ଡଳୀରେ ୧୦୦ ଏକର ସରକାରୀ ଜମି ଆବ□ନ କରିବାକୁ ମୟୂରଭ ସଚେତନ ନାଗରିକ ମ□ ସଭାପତି ତଥା ବାରିପଦା ପୂର୍ବତନ ବିଧାୟକ କିଶୋର ଦାବୀ କରିଛନ୍ତି । ଶ୍ରୀ ଦାଶ ଦର୍ଶାଇଛଁ ଯେ ମୋରଡା ନିର୍ବାଚନ ମଣ୍ଡଳୀରେ ଇଡକୋ ଶିଳ୍ପ ସ୍ଥାପନ ନିମନ୍ତେ ୧୦୦ ଏକର ସରକାରୀ ଜମି ନେଲେ ନୂତନ ଶିଳ୍ପ ସହିତ ଯୁବକମାନେ ଆତ୍ମନିର୍ଭର ହେବେ ଏବଂ ଅଧିକ ନିଯୁକ୍ତି ପାଇବେ, କିନ୍ତୁ ବାରିପଦା ନିକଟରେ ସରକାରୀ ଜମି ଇଡକୋକୁ ଯୋଗାଇ ଦେଲେ ଧନୀ ଲୋକ ଶିଳ୍ପ ସ୍ଥାପନ ନିମନ୍ତେ ଜମି ନେଇ ତାହାକୁ ଅନ୍ୟ ଲାଭଜନକ କାର୍ଯ୍ୟରେ ଲଗାଇବେ। ଯାହା ବ□ମାନ ତକତପୁର ଶିଳ୍ପା□ଳରେ ଦେଖିବାକୁ ମିଳୁଛି। ତେଣୁ ଜିଲ୍ଲାପାଳ ମୋରଡା ନିର୍ବାଚନ ମଣ୍ଡଳୀରେ ଇଡକୋକୁ ୧୦୦ ଏକର ଜମି ଆବ□ନ କରିବାକୁ ଦାବୀ କରିଛଁ । ମୋରଡା ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ଏକାନ୍ତ ଜରୁରୀ ବୋଲି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ କିଶୋର ଦାଶ କହିଛନ୍ତି ।

# ବଦଳିଲା ୧ ନମ୍ବର ହାଟ ସମୟ

ଭୁବନେଶ୍ୱର: ଭୁବନେଶ୍ୱର ୧ ନମ୍ବର ହାଟର ସମୟ ବଦଳିଛି। ହାଟରେ ଗହଳି କମାଇବା ପାଇଁ ଖୁଚୁରା ଓ ହୋଲସେଲ୍ ବ୍ୟବସାୟୀଙ୍କ ଲାଗି ଭିନ୍ନ ଭିନ୍ନ ସମୟ ଧାର୍ଯ୍ୟ କରାଯାଇଛି। ରାତି ସାଢେ ୩ଟାରୁ ସକାଳ ସାଢେ ୬ଟା ପର୍ଯ୍ୟନ୍ତ ହୋଲସେଲରମାନେ ଜିନିଷ କିଣାକିଣି କରିପାରିବେ। ସେହିପରି ସକାଳ ସାଢେ ୬ ଟାରୁ ଦିନ ୧୨ ଟା ଯାଏଁ ଖୁଚୁରା ବ୍ୟବସାୟୀ ଜିନିଷ କିଣିବେ। ଭିଡ ଜମୁଥିବାରୁ ଜିଗଜାଗ୍ ଫର୍ମାଟ୍ ରେ ଦୋକାନ ଖୋଲିବାକୁ ନିଷ୍ପତି ନିଆଯାଇଛି।

# କୋଭିଡ ପରିଚାଳନା କ୍ଷେତ୍ରରେ ସରକାର ସଂପୂର୍ଣ୍ଣ ବିଫଳ : ପ୍ରଦୀପ ମାଝୀ

ଭୁବନେଶ୍ୱର: ଓଡ଼ିଶା ସରକାରଙ୍କର କୋଭିଡ ରୋଗୀଙ୍କ ପାଇଁ ସେବାର ପରିଚାଳନା ଅତି ନୈରାଶ୍ୟଜନକ ବୋଲି ଆଜି ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାରଙ୍କ ସହାୟତା ତୁଳନାରେ ପ୍ରଚାର ଅଧିକା ଏବଂ କୋଭିଡ ସେବା ପରିଚାଳନାରେ ରାଜ୍ୟ ସରକାର କେବଳ ପ୍ରଚାର ସର୍ବସ୍ୱ ହୋଇଛନ୍ତି ବୋଲି ଶ୍ରୀ ମାଝୀ ତିରସ୍କାର କରିଛନ୍ତି। ସଂକ୍ରମଣ ଅତି ଦ୍ରୁତ ଗତିରେ ଗାଁ ମୁହାଁ ହୋଇପଡ଼ିଛି। ରାଜ୍ୟର ୫୭ ପ୍ରତିଶତ ଗ୍ରାମାଂଚଳରେ ସଂକ୍ରମଣ ପଂହଚିଗଲାଣି। ମୁଖ୍ୟମନ୍ତ୍ରୀ ଏହି ପରିସ୍ଥିତିରେ ସରପଂଚ ମାନଙ୍କୁ ଜିଲ୍ଲାପାଳର ଦାୟିତ୍ୱ ଦେଇ ଏକ ପ୍ରହେଳିକା ସୃଷ୍ଟି କରିଛନ୍ତି। ଗତ କରୋନା ମହାମାରୀ ସମୟରେ ସରପଂଚମାନେ କେତେ ଅସହାୟ ଥିଲେ ଏବଂ କରୋନା ପୀଡ଼ିତଙ୍କ ପାଇଁ ସେମାନଙ୍କ ଦ୍ୱାରା କୃତ ବ୍ୟବସ୍ଥା କେତେ ସଫଳ ହୋଇପାରିଥିଲା ତାହା ଓଡ଼ିଶାବାସୀ ଅଙ୍ଗେ ନିଭାଇଛନ୍ତି। ସରପଂଚ ମାନଙ୍କୁ ଖାଲି ସରକାରୀ ଘୋଷଣା ମାଧ୍ୟମରେ ଜିଲ୍ଲାପାଳର କ୍ଷମତା ଦିଆଯାଇଛି। ମାତ୍ର ସେମାନଙ୍କ ପାଖରେ ଏପରି ପ୍ରସ୍ତୁତି ନାହିଁ। ସରକାର ମଧ୍ୟ ସରପଂଚଙ୍କ କୋଭିଡ ସେବାର ତଦାରଖ ଏବଂ ପରିଚାଳନା କରିବାପାଇଁ ଉପଯୁକ୍ତ ବ୍ୟବସ୍ଥା କରି ନାହାଁନ୍ତି। ଗ୍ରାମାଂଚଳ ଗୁଡ଼ିକରେ ସଙ୍ଗରୋଧ ସେବାକେନ୍ଦ୍ର ହୋଇପାରିଲା ନାହିଁ। ଟେଷ୍ଟିଂ ବୃଦ୍ଧି ନୈରାଶଜନକ। ଏପ୍ରିଲ ୧୫ରୁ ମହାମାରୀ ଭୟାବହ ରୂପ ନେଉଥିବା ବେଳେ ଏବଂ ପଡ଼ୋଶୀ ରାଜ୍ୟର ୧୦ ଟି ଜିଲ୍ଲାରେ ଅନିୟନ୍ତ୍ରିତ ହୋଇଥିଲା ବେଳେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିନାହାଁନ୍ତି। ଆଜି ବନ୍ଦା ଜନଜାତି ଏବଂ ସୁଦୁର ବଣ ଜଙ୍ଗଲରେ ବାସକରୁଥିବା ଜନଜାତି କରୋନା ଆକ୍ରାନ୍ତ ହୋଇଥିଲା ବେଳେ ସରକାର ଏଥିପ୍ରତି ଉପଯୁକ୍ତ ତତ୍ପରତା ପ୍ରଦର୍ଶନ କରିନାହାଁନ୍ତି। ବିଶେଷକରି ୮ଟି ହସପିଟାଲ ବୁଲି ଚିକିତ୍ସା ସୁବିଧା ପାଇପାରି ନଥିବା ବାଲିପାଟଣାର ୨୫ବର୍ଷିଆ କୋଭିଡ ରୋଗୀ ସ୍ୱର୍ଣ୍ଣଲତା ପାଳର ମୃତ୍ୟୁ ଘଟଣା ନବୀନ ସରକାର ବିଫଳତା ଏବଂ ମା'କୁ ସମ୍ମାନ ବଦଳରେ ମାତୃଜାତି ପ୍ରତି କେତେ ସମ୍ମାନ ତାହା ଜଣାପଡୁଛି। କୌଣସି ମେଡିକାଲ ରୋଗୀଙ୍କୁ ଫେରାଇ ପାରିବେ ନାହିଁ ବୋଲି ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଥିବା ସ୍ୱତେ ସ୍ୱର୍ଣ୍ଣଲତା ପାଲଙ୍କୁ ୮ଟି ହସପିଟାଲ ଫେରାଇ ଦେବା ଠିକ ଥିଲାକି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମାଝୀ। ଓଡ଼ିଶା ସରକାର କହୁଛନ୍ତି ୭୦ ପ୍ରତିଶତ ଆୟୁସିୟୁ ବେଡ ଖାଲିଅଛି କିନ୍ତୁ ମହିଳା ଜଣକ ଷ୍ଟେଟିଂ କରିବା ପାଇଁ ୮ ଘଂଟା ବୁଲିବା ପରେ ଟେଷ୍ଟିଂ କରିବା ୧୦ ମିନିଟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଭୁବନେଶ୍ୱରର ପାଖ ଅଂଚଳରେ ଯଦି ଏହି ଅବସ୍ଥା ତାହାହେଲେ ସମଗ୍ର ଓଡ଼ିଶା ଗ୍ରାମାଂଚଳରେ କିପିରି ସ୍ଥିତି ଥିବ ଏଥିରୁ ଅନୁମେୟ। ସ୍ୱର୍ଣ୍ଣଲତା ପାଲଙ୍କୁ କାହିଁକି ଚିକିତ୍ସା ମିଳିଲା ନାହିଁ। ବାଲିଅନ୍ତା ହସପିଟାଲ ଓ କ୍ୟାପିଟାଲ ହସପିଟାଲରେ କାହିଁକି ତାଙ୍କର ଟେଷ୍ଟିଂ କରାଗଲା ନାହିଁ। ତେଣୁ ଏହି ମାମଲାରେ ହତ୍ୟା ମାମଲା ରୁଜୁ ହେବା ସହ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛି କଂଗ୍ରେସ। ସେହିପରି ବିଧାୟ ସୁରେଶ କୁମାର ରାଉତରାୟ ଯୋଗଦେଇ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁପରି ରାଜ୍ୟରେ ବିଶେଷକରି ଭୁବନେଶ୍ୱର ଜଟଣୀ ଅଂଚଳରେ ଅନେକ ଗୁଡ଼ିଏ ରୋଗୀ ମୃତ୍ୟୁବରଣ କରୁଛନ୍ତି। ଏଥିପାଇଁ ସରକାରଙ୍କୁ ସମାଲୋଚନା କରିଥିଲେ ଶ୍ରୀ ରାଉତରାୟ। ଗତକାଲି ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିଲେ। ଆମେ ବିଧାୟକମାନେବି ଯୋଗ ଦେଇଥିଲୁ ମୁଖ୍ୟମନ୍ତ୍ରୀ ଘରେ ରହି ରାଜ୍ୟରେ କୋଭିଡ ପରିଚାଳନାକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ କିନ୍ତୁ ଆମମାନଙ୍କୁ କିଛି କହିବାକୁ ସୁଯୋଗ ଦେଲେ ନାହିଁ। ତେବେ ଏହି ପ୍ରେସ ବିଜ୍ଞପ୍ତି ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି ସଠିକ ରୂପରେ କୋଭିଡ ପରିଚାଳନା କରନ୍ତୁ, ଆୟୁସିୟୁ ବେଡ ସଂଖ୍ୟା ବଢ଼ାନ୍ତୁ, ଠିକରେ ଟେଷ୍ଟିଂ ପରୀକ୍ଷା, ଟୀକା ଦେବା, ଆମ୍ବୁଲାନ୍ସ ସେବା କୁ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ଶ୍ରୀ ରାଉତରାୟ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଯୋଗଦେଇ ରାଜଧାନୀ ବାସୀଙ୍କୁ ଟୀକାଦାନ ରୋଗୀଙ୍କ ପରୀକ୍ଷା ରାଜଧାନୀରେ ଯେଉଁ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ କରାଯାଉଛି ସେଥିରେ ମଧ୍ୟ ପାତର ଅନ୍ତର ହେଉଛି ବୋଲି ସେ ଅଭିଯୋଗ କରିଥିଲେ। ସେ ସିଧାସଳଖ କହିଥିଲେ ଯେ ପ୍ରତି ୱାର୍ଡରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ରାଜୀନତି କରଣ କରାଯାଇ ବିଜେଡ଼ିର ପ୍ରତିନିଧିମାନେ ନିଜ ଲୋକଙ୍କୁ ପ୍ରଥମେ ଟୀକାକରଣ କରାଉଛନ୍ତି ଏହାକୁ ରାଜଧାନୀ ବାସୀ ଅସନ୍ତୋଷ କରୁଛନ୍ତି। ଏହାକୁ ଦୃଢ଼ ନିନ୍ଦା କରୁଛୁ ଏବଂ ଦାବୀ କରୁଛୁ ସରକାର କୋଭିଡ ପରିଚାଳନା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନିଅନ୍ତୁ। ନଚେତ କଂଗ୍ରେସ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ସରକାରଙ୍କୁ ସୂଚାଇ ଦେଇଛନ୍ତି ଶ୍ରୀ ଦାଶ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-252227
Email : maharishipublicschool@yahoo.com
Web : www.maharishipublicschool.com




# ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ

## ନିର୍ମାଣାଧୀନ ୧ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ସମୀକ୍ଷା କଲେ ଧର୍ମେନ୍ଦ୍ର ପ୍ରଧାନ

ମଧ୍ୟପ୍ରଦେଶ: ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନଙ୍କ ସହ ବିପିସିଏଲର ବୀନା ରିଫାଇନାରୀ ନିକଟରେ ଡ଼ିଆରଡ଼ିଓ ସହଯୋଗରେ ନିର୍ମାଣାଧୀନ ଅସ୍ଥାୟୀ ୧ ହଜାର ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଖୁବ ଶୀଘ୍ର ହସ୍ପିଟାଲର କାର୍ଯ୍ୟକ୍ଷମ ଏବଂ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ବୀନା ରିଫାଇନାରୀ, ଜିଲ୍ଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି । ସେହିପରି କରୋନା ମହାମାରୀର ମୁକାବିଲା କରିବା ନେଇ ମଧ୍ୟପ୍ରଦେଶରେ ନିଆଯାଉଥିବା ପଦକ୍ଷେପ ଉପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଭାରତ ଓମାନ ରିଫାଇନାରୀ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ସେ କହିଛନ୍ତି କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ସହଯୋଗ କରବା ପାଇଁ ବୀନା ରିଫାଇନାରୀ ପ୍ରତିଶ୍ରୁତିବଦ୍ଧ। ପ୍ରତିଦିନ ବୀନା ରିଫାଇନାରୀରୁ ତିଆରି ହେଉଥିବା ଦୈନିକ ୧୦ ଟନ୍ ଗ୍ୟାସୀୟସ ଅକ୍ସିଜେନ୍ ଏବଂ ୪ ଲକ୍ଷ ଲିଟର ପାଣି ଏହି କୋଭିଡ୍ ହସ୍ପିଟାଲକୁ ଯୋଗାଯିବ। ଏହି ୧ ହଜାର ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବର୍ତମାନର ସଂକଟ ସମୟରେ ମଧ୍ୟପ୍ରଦେଶର ସାଗର, ଭିଦିଶା, ଅଶୋକନଗର, ଗୁଣା ଏବଂ ଆଖପାଖ ଅଂଚଳକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପହଁଚିପାରିବ । ଭାରତ ଓମାନ ରିଫାଇନାରୀ ଲିମିଟେଡ୍ ଏହି କୋଭିଡ୍ ହସ୍ପିଟାଲକୁ ନିରନ୍ତର ମେଡ଼ିକାଲ ଅକ୍ସିଜେନ୍ ଯୋଗାଇବା ସହ କୋଭିଡ୍-୧୯ ମୁକାବିଲାକୁ ଅଧିକ ମଜବୁତ୍ କରିବାରେ ସବୁପ୍ରକାର ପଦକ୍ଷେପ ନେବ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ମେଡ଼ିକାଲ ଅକ୍ସିଜେନ ଉପଲବ୍ଧିକୁ ବଢ଼ାଇବା ପାଇଁ ଭାରତ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ମଧ୍ୟପ୍ରଦେଶ ସରକାର ଏବଂ ବୀନା ରିଫାଇନାରୀ ଆଗାମୀ ଦିନରେ ଦୈନିକ ୩୦୦୦ ବଟୋଲର ବୃହତ ସାଇଜ୍‌ର ଅକ୍ସିଜେନ୍ ତଥା ପାଖାପାଖି ୨୫ ମେଟ୍ରିକ ଟନର ସ୍ଥାୟୀ ମେଡିକାଲ ଅକ୍ସିଜେନ ଉତ୍ପାଦନର ବ୍ୟବସ୍ଥା କରାଯାଉଛି । ଏହା ମଧ୍ୟପ୍ରଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସୁଦୃଢ଼ କରିବ । ଭାରତର ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ରାଜ୍ୟ ସରକାର ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ସ୍ଥାପନ କରି ଦେଶରେ ସ୍ୱାସ୍ଥ୍ୟ ଏବଂ କ୍ରିଟିକାଲ କେୟାର ଭିତିଭୂମି ପ୍ରତିଷ୍ଠା କରିବାରେ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ଶ୍ରୀ ପ୍ରଧାନ କହିଛନ୍ତି। ଏହି ଜରୁରୀକାଳୀନ ସମୟରେ ଭାରତ ସରକାର ଓ ମଧ୍ୟପ୍ରଦେଶ ସରକାର ସବୁଠି ଅକ୍ସିଜେନ୍ ବେଡ୍ ଉପଲବ୍ଧି କରାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।

## ରଘୁନାଥ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା - ଧର୍ମେନ୍ଦ୍ର ପ୍ରଧାନ

### ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଓଡ଼ିଶାକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ କରିଥିଲେ

ଭୁବନେଶ୍ୱର: ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱର୍ଗତ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା ନିବିଡ଼।

ଜଣେ ଲବ୍ଧ ପ୍ରତିଷ୍ଠିତ ଶିଳ୍ପୀ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ପଥରରେ ନିଖୁଣ କାରୁକାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ଉତ୍କୃଷ୍ଟ କଳା ଓ ସଂସ୍କୃତିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗୌରବାନ୍ୱିତ କରିଥିଲେ। ତାଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା। ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି। ଏହି ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ।

# ଈଶ୍ୱରପୁର ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ

ବାଲେଶ୍ୱର: ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଈଶ୍ୱରପୁର ସେବା ସମବାୟ ସମିତିରେ ବେଆଇନ ଭାବରେ ଋଣ କରାଇ ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି । ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ନାମରେ ଏଭଳି ଅଭିଯୋଗ ଆସିଥିବା ବେଳେ ଭିଜିଲାନ୍ସ ତଦନ୍ତ ପାଇଁ ଅ□ଳବାସୀ ଦାବୀ କରିଛନ୍ତି । ସୂଚନା ଯୋଗ୍ୟ ଯେ ୨୦୧୮ ମସିହାରେ ଈଶ୍ୱରପୁର ସେବା ସମବାୟ ସମିତିର ସଭାପତି ସମ୍ପାଦକ ଦାୟିତ୍ୱରେ ଥିଲେ ଭାଗବତ ଖିଲାର ଓ ଅଶୋକ କୁମାର ଜେନା । ସେମାନେ ବେଆଇନ ଋଣ ମଞ୍ଜୁର କରାଇ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଭୂମିହୀନଙ୍କୁ ଋଣ ଦେବାର ନିୟମ ରହିଛି, ହେଲେ ବହୁ ଧନୀ ଶ୍ରେଣୀର ଲୋକଙ୍କୁ ଭୂମିହୀନ ଦର୍ଶାଇ ଋଣ ଦିଆଯାଇଛି । ଗତ ୨୪ ତାରିଖରେ ଅ□ଳବାସୀ ଏ ବାବଦରେ ଜିଲ୍ଲାପାଳଙ୍କୁ ଜଣାଇବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ । ବିଭାଗୀୟ ଉଚ୍ଚ କ□ୃପକ୍ଷ ଏହାର ତଦନ୍ତ ଭାର ଏଆରସିଏସ ଲକ୍ଷ୍ମୀଧର ରାଉତଙ୍କୁ ଦେଇଥିଲେ । ଏହି ଘଟଣାର ନିରପେକ୍ଷ ତଦନ୍ତ ହେବା ସହିତ ଭିଜିଲାନ୍ସ ବିଭାଗ ଖୋଳତାଡ଼ କରିବାକୁ ଈଶ୍ୱରପୁର ସେବା ସମବାୟ ସମିତିର ପୂର୍ବତନ ସଭାପତି ପ୍ରଫୁଲ୍ଲ ପାଣୀଗ୍ରାହି, ପୂର୍ବତନ ନିର୍ଦ୍ଦେଶକ ଶଚିନ୍ଦ୍ର ସାହୁ, ଶ୍ରୀକାନ୍ତ ପାଣୀଗ୍ରାହି, ପ୍ରଶନ୍ନ ପଲେଇ, ରାମଚନ୍ଦ୍ର ମଲ୍ଲିକ, ଯନାର୍ଦ୍ଦନ ମହାପାତ୍ର, ଦିବାକର ବିଶ୍ୱାଳ ପ୍ରମୁଖ ବହୁ ହିତାଧିକାରୀ ଓ ଗ୍ରାମବାସୀ ଦାବି କରିଛନ୍ତି ।

## ଦୁଇ ଯୋଡ଼ା ଏକ୍ସପ୍ରେସ ବିଶେଷ ଟ୍ରେନ ବାତିଲ୍

ଭୁବନେଶ୍ୱର: କମ ପୃଷ୍ଠପୋଷକତା ଏବଂ କୋଭିଡ୧୯ ସଂକ୍ରମଣ ବୃଦ୍ଧିର ଶୃଙ୍ଖଳାକୁ ଭାଙ୍ଗିବାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ଆହୁରି ଦୁଇ ଯୋଡ଼ା ବିଶେଷ ଏକ୍ସପ୍ରେସ ଟ୍ରେନକୁ ଉଭୟ ପାର୍ଶ୍ୱରୁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି । ୦୮୪୯୩/୦୮୪୯୪ ଭୁବନେଶ୍ୱର-ବାଲାଙ୍ଗୀର-ଭୁବନେଶ୍ୱର ସ୍ପେଶାଲ୍ ଉଭୟ ଦିଗରୁ ଚଳିତ ମାସ ୧୫,୧୬,୨୨ ଏବଂ ୨୩ ତାରିଖ ଦିନ ବାତିଲ୍ ରହିବ। ସେହିପରି ୦୮୫୬୧/୦୮୫୬୨ ବିଶାଖାପାଟନମ୍-କାଚେଗୁଡା-ବିଶାଖାପାଟନମ୍ ବିଶେଷ ଟ୍ରେନ ବିଶାଖାପାଟନମ୍ ଠାରୁ ୧୪ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏବଂ କାଚେଗୁଡା ଠାରୁ ୧୫ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ବାତିଲ୍ ରହିବ। ଏହାପୂର୍ବରୁ ଚାରି ଯୋଡ଼ା ସ୍ପେଶାଲ ଏକ୍ସପ୍ରେସ ଟ୍ରେନକୁ ବାତିଲ କରିବାକୁ ଘୋଷଣା କରିସାରିଛି ।

## କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି: ସମୀର ମହାନ୍ତି

ଭୁବନେଶ୍ୱର: ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ପଦ୍ମବିଭୁଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରି ଦୁଃଖ ପ୍ରକାଶ କରିଛନ୍ତି । ଗୋଟିଏ ଅଂଚଳ ବାସିନ୍ଦା ହୋଇଥିବାରୁ ସ୍ୱର୍ଗତଃ ମହାପାତ୍ରଙ୍କୁ ପିଲାଦିନଠୁ ଭଲଭାବେ ଜାଣିଛି । ଜଣେ ବଡ ଭାଇ ଭଳି ସେ ଆମମାନଙ୍କୁ ସର୍ବଦା ଭଲ ଉପଦେଶ ଦେଇ ମାର୍ଗଦର୍ଶନ କରିଆସୁଥିଲେ । ନିଜ ନିଖୁଣ କାରୁକାର୍ଯ୍ୟ ଜରିଆରେ ପଥର ଦେହରେ ଜୀବନ ଆଣି ଦେଶ ତଥା ଆନ୍ତର୍ଜାତୀକ ସ୍ତରରେ ଓଡିଶାର ସୁନାମ ଆଣିଥିବା ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି। ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଅସମୟରେ ଶୋକସନ୍ତପ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ ପାଇଁ ଶ୍ରୀ ମହାନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ବହୁ ନେତୃବୃନ୍ଦ ଶୋକବ୍ୟକ୍ତ କରିଛନ୍ତି ।

# ଆଲୁମିନିୟମ୍ ଶିଳ୍ପ ପୁଣିଥରେ ୫% ଆରଓଡିଟିଇପି ରେଟ୍ ଉପରେ ଗୁରୁତ୍ୱାରୋପ କଲା

ନୂଆଦିଲ୍ଲୀ: ସାମ୍ପ୍ରତିକ ଆର୍ଥିକ ସଙ୍କଟ ଜନକ ସ୍ଥିତିରେ ପ୍ରମୁଖ ଶିଳ୍ପ ସଂସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଥିବା ଆଲୁମିନିୟମ୍ ଶିଳ୍ପ ଲାଗି ଉପଯୋଗୀ ହେଉଥିବା ୫% ଆରଓଡିଟିଇପି ରେଟ୍ ଲାଗୁ ନେଇ ଭାରତୀୟ ଆଲୁମିନିୟମ୍ ସଂଘ (ଏଏଆଇ) ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ । ଆଲୁମିନିୟମ୍ ଶିଳ୍ପ ପାଇଁ ଅଲଗା ବ୍ୟୟ ବଜେଟ୍ ରଖାଯିବା ଉପରେ ଭାରତୀୟ ଆଲୁମିନିୟମ୍ ସଂଘ(ଏଏଆଇ) ପକ୍ଷରୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଆସ'। ୨-୩ ବର୍ଷ ମଧ୍ୟରେ ଆଲୁମିନିୟମ୍ ରପ୍ତାନୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଏପରିସ୍ଥଳେ ଭାରତୀୟ ଆଲୁମିନିୟମ୍ ରପ୍ତାନୀକାରୀଙ୍କୁ ଅନିଶ୍ଚିତତାରୁ ରକ୍ଷା କରାଇବା ଲାଗି ଭାରତୀୟ ଆଲୁମିନିୟମ୍ ସଂଘ (ଏଏଆଇ) ମର୍ଚ୍ଚାଣ୍ଡାଇଜ୍ ଏକ୍ସପୋର୍ଟ ଫ୍ରମ୍ ଇଣ୍ଡିଆ ସ୍କିମ୍ (ଏମ୍‌ଇଆଇଏସ୍) ଜାରି ରଖିବାକୁ ଆରଓଡିଟିଇପି କମିଟିର ଦ୍ୱାରସ୍ଥ ହୋଇ ପ୍ରକୃତ ରିମିସନ୍ ରେଟ୍ ସମ୍ପର୍କିତ ତଥ୍ୟ ଦାଖଲ କରାଯାଇଛି। ଏମ୍‌ଇଆଇଏସ୍ ସୁବିଧା ୨୦୨୦ ଏବଂ ୨୦୨୧ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଡିସେମ୍ବରରେ ଉପଲବ୍ଧ ହୋଇ ପାରି ନ ଥିଲା। ଅନ୍‌ଲାଇନ୍ ଏମ୍‌ଇଆଇଏସ୍ ମଡ୍ୟୁଲ ବ୍ଲକ୍ କରାଯିବାରୁ ଏହା ସମ୍ଭବ ହୋଇ ନ ଥିଲା।

ସାମ୍ପ୍ରତିକ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ରେଟ୍ ସମ୍ପର୍କରେ ସୂଚନା ପ୍ରକାଶ ପାଇବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ଡିଜିଏଫ୍‌ଟି ପକ୍ଷରୁ କୁହାଯାଇଛି। ୨୦୨୧-୨୨ କେନ୍ଦ୍ରୀୟ ବଜେଟରେ ୧୩,୦୦୦ କୋଟି ଆରଓଡିଟିଇପି ସ୍କିମ୍ ପାଇଁ ବ୍ୟୟ ବରାଦ କରାଯାଇଥିଲା। ୨୦୧୯ ସେପ୍ଟେମ୍ବରରେ ଅର୍ଥମନ୍ତ୍ରୀ ଏଥି ପାଇଁ ୫୦,୦୦୦ କୋଟି ଘୋଷଣା କରିଥିଲେ। ଏହି ବ୍ୟୟ ବରାଦ ୨୦୨୦ ଆର୍ଥିକ ବର୍ଷରେ ମର୍ଚ୍ଚାଣ୍ଡାଇଜ୍ ଏକ୍ସପୋର୍ଟ ଫ୍ରମ୍ ଇଣ୍ଡିଆ ସ୍କିମ୍ (ଏମ୍‌ଇଆଇଏସ୍) ପାଇଁ ହୋଇଥିବା ୩୯,୦୯୭ କୋଟି ବ୍ୟୟ ବରାଦର ଏକ ତୃତୀୟାଂଶ। ଆରଓଡିଟିଇପି ପକ୍ଷରୁ ଜାରି ହୋଇଥିବା ରେଟ୍ ବିସ୍ତୃତ ଆଲୋଚନା ପରେ ପ୍ରକାଶ ପାଇଥିଲା। ଏହାକୁ ନେଇ ଏଏଆଇ ପକ୍ଷରୁ କୁହାଯାଇଛି ଯେ, ଏହା ଭବିଷ୍ୟତର ରେଟ୍‌କୁ ବେଶ୍ ଉପଯୋଗୀ କରାଇବାକୁ ସକ୍ଷମ ହେବ। ଫଳରେ ଡବ୍ଲ୍ୟୁଟିଓର ବିନା ପ୍ରତିବାଦରେ ରପ୍ତାନୀ ବୃଦ୍ଧି ସମ୍ଭବ ହୋଇ ପାରିବ।

ଏହା ଦ୍ୱାରା ସମ୍ପ୍ରତି ଭାରତୀୟ ଆଲୁମିନିୟମ୍ ଶିଳ୍ପ ରପ୍ତାନୀ କ୍ଷେତ୍ରରେ ମୁଖ୍ୟତଃ ଚାଇନା ସହିତ ଅ'ର୍ଜାତୀୟ ବଜାରରେ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ସଙ୍କଟର ସମ୍ମୁଖୀନ ହୋଇଛି। ଏହା ସହିତ କେନ୍ଦ୍ର ଏବଂ ରାଜ୍ୟ ପକ୍ଷରୁ ଆଲୁମିନିୟମ୍ ଉତ୍ପାଦ ଉପରେ ଲଗାଯାଇଥିବା ଟିକସ ଏବଂ ଶୁଳ୍କ ୧୫ ପ୍ରତିଶତ ପାଖାପାଖି ରହିଛି। ଯାହାକି ପୃଥିବୀରେ ସର୍ବାଧିକ। ଚାଇନାରେ ମଧ ଏହା ଅପକ୍ଷୋକୃତ କମ୍ ରହିଛି। ତେଣୁ ଏହାକୁ କମ୍ କରାଯିବାର ଆବଶ୍ୟକତା ରହିଛି ଯାହାଦ୍ୱାରା ଘରୋଇ ଉତ୍ପାଦନକାରୀ ଘରୋଇ କ୍ଷେତ୍ରରେ ମୂଲ୍ୟଯୁକ୍ତ ସୁବିଧା ଉପଲବ୍ଧ ପାଇଁ ଉତ୍ସାହିତ ହେବା ସହିତ ରପ୍ତାନୀ କରିବାକୁ ସକ୍ଷମ ହୋଇପାରିବେ। ଆଲୁମିନିୟମ୍ ରପ୍ତାନୀ ସମ୍ପ୍ରତି ୨ ପ୍ରତିଶତ ଏମ୍‌ଇଆଇଏସ୍ ରିୱାର୍ଡ ରେଟ୍ ପାଇଁ ଯୋଗ୍ୟ। ସାମ୍ପ୍ରତିକ ଅଣ-ପ୍ରତିଦ୍ୱନ୍ଦିତା ମୂଳକ ବଜାରରେ ଏହାକୁ ଲାଗୁ କରାଯିବା ଆବଶ୍ୟକ। ଏପରିସ୍ଥଳେ ପ୍ରଣୟନ ହୋଇଥିବା ଡ୍ୟୁଟି ମୁକ୍ତ ଏବଂ ରପ୍ତାନୀ ଉପଯୋଗୀ ପଦାର୍ଥର ଟିକସ ହ୍ରାସ ଯୋଜନା (ଆରଓଡିଟିଇପି)କୁ ୫% କରିବା ଉପରେ ବିଚାର କରିବା ଅପରିହାର୍ଯ୍ୟ ହୋଇପଡ଼ିଛି।

ସରକାର ୧୨ ଚମ୍ପିୟନ ସେକ୍ଟର ମଧ୍ୟରେ ଆଲୁମିନିୟମ୍‌କୁ ସ୍ଥାନୀତ କରିଛଁ । ଭାରତ ବାର୍ଷିକ ୪.୧ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରି ଦ୍ୱିତୀୟ ବୃହତ କ୍ଷମତାକାରୀ ଭାବେ ସ୍ଥାନୀତ ହୋଇଛି। ସେହିପରି ତୃତୀୟ ବୃହତ୍ ଆଲୁମିନିୟମ ଉତ୍ପାଦନକାରୀର ମାନ୍ୟତା ହାସଲ କରିପାରିଛି। ଘରୋଇ ଚାହିଦାକୁ ଦୃଷ୍ଟିରେ ରଖି ଉତ୍ପାଦନ ବୃଦ୍ଧି ପାଇଁ ଏକ୍ଷେତ୍ରରେ ୧.୨ ଲକ୍ଷ କୋଟି( ୨୦ ବିଲିୟନ୍ ଡଲାର) ନିବେଶ କରାଯାଇଛି। ଏହାଦ୍ୱାରା ୮ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ୪୦୦୦ରୁ ଅଧିକ ସହଯୋଗୀ ଏସ୍‌ଏମ୍‌ଇ ବିକଶିତ ହୋଇ ପାରିଛଁ । ୨୦୨୧ ଆର୍ଥିକ ବର୍ଷରେ ଆଲୁମିନିୟମ୍ ରପ୍ତାନୀ ଯୋଗୁ ଭାରତ ୫ ବିଲିୟନ ଡଲାର ବିଦେଶୀ ମୁଦ୍ରା ସଂଗ୍ରହ କରିପାରିଛି। ଯାହାକି ଭାରତର ମୋଟ ରପ୍ତାନୀ ପରିମାଣର ୨ ପ୍ରତିଶତ। ଆଗାମୀ ଦିନରେ ଏହା ଦୁଇଗୁଣା ହୋଇ ୧୦ ବିଲିୟନ୍ ଡଲାରରେ ଛୁଇଁବାର ଆଶା ରହିଛି।

# ସମ୍ଭାବ୍ୟ ବାତ୍ୟା ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ବୈଠକ

## - ମିଥ୍ୟା ସମ୍ବାଦ ତଥା ଆକଳନ ଉପରେ ଧ୍ୟାନ ନଦେବାକୁ ପରାମର୍ଶ

ଭୁବନେଶ୍ୱର, ୧୯ ମଇ - ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ସାମନା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି । ଏହି ସମ୍ଭାବନାକୁ ଭିତିକରି ପ୍ରାକ୍ ଆକଳନ ସ୍ୱରୂପ ସମସ୍ତ ଉପକୂଳ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ଓ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସତର୍କ ରହିବାକୁ ଏବଂ ୨୨ ତାରିଖ ସନ୍ଧ୍ୟା ସୁଦ୍ଧା ଉପକୂଳକୁ ଫେରି ଆସିବାକୁ କୁହାଯାଇଛି ଏବଂ ଏ ସମୟରେ ଆଉ କେହି ସମୁଦ୍ର ମଧ୍ୟକୁ ନଯିବାକୁ କୁହାଯାଇଛି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି । ଉପକୂଳବର୍ତୀ ଅଂଚଳରେ ମାଇକ୍ ମାଧ୍ୟମରେ ପ୍ରଚାର କରାଯାଇ ଏ ବିଷୟରେ ଜଣାଇ ଦିଆଯିବ ବୋଲି ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି ।

ବୁଧବାର ଦିନ ଶ୍ରୀ ଜେନା ଏ ସଂପର୍କରେ ଓଡ଼ିଶା ପୋଲିସ, ଏନ୍‌ଡିଆରଏଫ୍, ଅଗ୍ନିଶମ ସେବା, ଓଡ୍ରାଫ, ଭାରତୀୟ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ, ଭାରତୀୟ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ଏବଂ ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ସହ ଭର୍ଚୁଆଲ ବୈଠକରେ ଆଲୋଚନା କରିଛନ୍ତି ।

ଶ୍ରୀ ଜେନା ପୁନଶ୍ଚ କହିଛନ୍ତି ଯେ ଲଘୁଚାପର ତୀବ୍ରତା, ବେଗ, ରୂପ ବାବଦରେ ଏ ପର୍ଯ୍ୟନ୍ତ ସଠିକ୍ ଆକଳନ କରାଯାଇ ନାହିଁ ଏବଂ ଏହା କେଉଁଠାରେ ସ୍ଥଳଭାଗ ସ୍ପର୍ଶ କରିବ ଜଣାପଡ଼ିନାହିଁ। ଏଣୁ କୌଣସି ପ୍ରକାର ମିଥ୍ୟା ସମ୍ବାଦ ତଥା ଆକଳନ ଉପରେ ଧ୍ୟାନ ନଦେବାକୁ ସେ ସତର୍କ କରାଇ ଦେଇଛନ୍ତି। ରାଜ୍ୟ ସରକାର ଏହି ସମ୍ଭାବ୍ୟ ବାତ୍ୟା ନେଇ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ପୂର୍ବପ୍ରସ୍ତୁତି କରିବା ନିମନ୍ତେ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି ।

ଭାରତୀୟ ପାଣିପାଗ କେନ୍ଦ୍ର ତରଫରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଉତର ଆଣ୍ଡାମାନ ସାଗର ଓ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି। ଆସନ୍ତା ୨୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ୭୨ ଘଂଟା ମଧ୍ୟରେ ୨୫ ତାରିଖ ସୁଦ୍ଧା ସାମୁଦ୍ରିକ ବାତ୍ୟାର ରୂପ ନେବାର ପୂର୍ବାନୁମାନ କରାଯାଇଛି। ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେଲେ ଏହା ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଦେଇ ଅତିକ୍ରମ କରିବାର ସମ୍ଭାବନା ରହିଛି।

## ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

### - ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯିବ

ଭୁବନେଶ୍ୱର:ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ଭାରତର କଳା ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ପରଲୋକ ଗତ ଆତ୍ମାର ସଦ୍ ଗତି କାମନା କରିଛନ୍ତି। ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏକ ଶୋକବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ମହାପାତ୍ର ତାଙ୍କ ନିହାଣ ମୂନରେ ଓଡ଼ିଶାର ମହାନ କଳା ପରମ୍ପରା କୁ ବିଶ୍ୱବ୍ୟାପୀ କରିଥିଲେ। ଓଡ଼ିଶାର କଳା ଓ ଐତିହ୍ୟ କୁ ସମୃଦ୍ଧ କରିବାରେ ତାଙ୍କର ମହନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ । ସାରା ଦେଶରେ ବହୁସ୍ଥାନରେ ଜଗନ୍ନାଥ ମନ୍ଦିର ନିର୍ମାଣରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ପୁରୀ ଶ୍ରୀମନ୍ଦିର ମରାମତିରେ ସେ ମଧ ସହଯୋଗ କରିଥିଲେ। ଗଞ୍ଜାମ ତାରାତାରିଣୀ ମନ୍ଦିର ପୁନର୍ନିର୍ମାଣରେ ସେ ତାଙ୍କର ଅତୁଳନୀୟ କାରିଗରୀ ଦକ୍ଷତା ପ୍ରଦର୍ଶନ କରିଯାଇଛନ୍ତି। ବାସ୍ତବରେ ସେ ଥିଲେ କଳାଜଗତର ଏକ ବିସ୍ମୟ କର ପ୍ରତିଭା।

# କୋଭିଡ୍ ପରିଚାଳନା ନେଇ ସମିକ୍ଷା କଲେ ପୁଲିସ ଡିଜି ଅଭୟ

ରାଉରକେଲା: ପଶ୍ଚିମାଚଂଳରେ କୋଭିଡ ସ୍ଥିତି ଧିରେ ଧିରେ ବିଗୁଡୁଥିବା ବେଳେ ଓଡିଶାର ଅନ୍ୟ ସ୍ଥାନରେ ସ୍ଥିତି ବିଗିଡ଼ି ଚାଲିଛି । ଏହାକୁ ଦେଖି ରାଜ୍ୟ ସରକାର ୧୪ ଦିନିଆ ଲକଡାଉନ ଘୋଷଣା କରିଥିବା ବେଳେ ରାଉରକେଲା ସମେତ ପଡୋଶି ପୁଲିସ ଜିଲ୍ଲାରେ କୋଭିଡ୍ ପରିଚାଳନା କେମିତି ଚାଲିଛି ତାହାର ସରଜମିନ ସମିକ୍ଷା କରିବା ଲାଗି ଆଜି ଓଡିଶା ପୁଲିସ ଡିଜି ଶ୍ରୀ ଅଭୟ ଆଜି ରାଉରକେଲାରେ ପହଁଚି ସମିକ୍ଷା କରିଛନ୍ତି । ଶ୍ରୀ ଅଭୟ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଆଜି ରାଉରକେଲାରେ ପହଁଚି ରାଉରକେଲା ମିଡିଆକୁ ଭେଟିଥିଲେ । ସେ କହିଥିଲେ ରାଜ୍ୟ ସରକାର ଯେଉଁଭଳି ଏହି ସ୍ଥିତିକୁ ପରିଚାଳନା କରିବାକୁ କହିଥିଲେ ସେହି ଭଳି ସମସ୍ତ କାମ ପୁଲିସ ଚଳାଇଛି । ବିଶେଷ କରି ଅକ୍ସିଜେନ ଗାଡି ଗୁଡିକ କିଭଳି ତାର ଗନ୍ତବ୍ୟ ଯାଗାରେ ପହଁଚିବ ତାହାର ବ୍ୟବସ୍ଥା ପୁଲିସ ପକ୍ଷରୁ କରାଯାଉଛି । ମୁଖ୍ୟମନ୍ତ୍ରୀ କହିବା ଅନୁଶାରେ ଲୋକଙ୍କୁ ମାସ୍କ ପିନ୍ଧାରେ ଅଭ୍ୟାସ କରାଇ ସଚେତନ କରିବା ଓ ସାମଜିକ ଦୂରତା ଲାଗି ସଚେତନ କରାଇବା ଦିଗରେ ପୁଲିସ କାର୍ଯ୍ୟ କରୁଛି, ଲୋକେ ମଧ ଅନେକ ଜରିମାନା ଦେଇଛନ୍ତି । ପରେ ସେ ରାଉରକେଲା, ସୁନ୍ଦରଗଡ଼, ରେଳବାଇ ପୁଲିସ, ଝାରସୁଗୁଡ଼ା ଓ ସମ୍ବଲପୁରର ପୁଲିସ ଅଧିକାରୀ ମାନଙ୍କ ସହ କୋଭିଡ ପରିଚାଳନା କେମିତି ଚାଲିଛି ପଚାରି ବୁଝିଥିଲେ। ଏହି ସମୟରେ ବିଶେଷ କରି ସିମାନ୍ତ ଅଂଚଳରେ କୋଭିଡ ପରିଚାଳନା ନେଇ କିଭଳି କାମ ଚାଲିଛି ତାକୁ ମଧ ପଚାରି ବୁଝିଥିଲେ । ପରେ ପରେ ସେ ଚତୁର୍ଥ ବାଟାଲିଆନ ରାଉରକେଲା କ୍ୟାମ୍ପସକୁ ପରିଦର୍ଶନରେ ଯାଇଥିଲେ।

### ସରକାରୀ ଯୋଜନା ପ୍ରଦାନରେ ଟାଳଟୁଳ ନୀତି

# ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା କଲେ: କଳାପଟି ମୁହଁରେ ଭିଡି ପ୍ରତିବାଦ କଲେ

ଧର୍ମଶାଳା: କରୋନା ମହାବିପତି ସମୟରେ ଲୋକେ ଭୋକିଲା ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଆରୁହା ପଂଚାୟତରେ ନିରୀହ ଗରୀବ ସରଳ ଶବର ଲୋକମାନଙ୍କ ରାସନକୁ ଚଂଚକତା କରାଯାଇ ବନ୍ଦ କରାଯିବା ଭଳି ଅମାନବିୟ ଘଟଣା ସାମ୍ନାକୁ ଆସିଛି । ଏହାର ପ୍ରତିବାଦରେ ଗାଁରେ ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ ସହ ସେମାନଙ୍କୁ ରାସନ ପ୍ରଦାନ କରାଇ ଦେଉନଥିବା ଭ୍ରଷ୍ଟାଚାରୀଙ୍କ ବିରୋଧରେ ମୁହଁରେ କଳାପଟି ଭିଡି ପ୍ରତିବାଦ କରିଥିଲେ। ଏହାସହ ଏଥିନେଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଧାରଣା ଦେବାକୁ ସତୀଶ ଚେତାବନୀ ଦେଇଛନ୍ତି ।

ଖବରରୁ ପ୍ରକାଶ, ଏହି ପଂଚାୟତର ହିଞ୍ଜଳପାଟିଆ ଗ୍ରାମରେ ସମସ୍ତ ଜନସାଧାରଣ ଶବର ସମ୍ପ୍ରଦାୟର ଅଟନ୍ତି। ଏମାନେ ଚଳିତ ମାସରେ ରାସନ ପାଇଁ ଯାଇଥିବା ବେଳେ ସେମାନଙ୍କ ରାସନ କାର୍ଡ କଟି ଯାଇଥିବାର କୁହାଗଲା। ପରେ ସେମାନଙ୍କ ରାସନ ଅନ୍ୟ ରିଟେଲରଙ୍କ ନିକଟକୁ ପଳାଇଥିବାର କୁହାଗଲା। ଏହାର ପ୍ରତିବାଦରେ ଗାଁର ଲୋକମାନେ ସମୁହ ଭାବେ ଧର୍ମଶାଳା ବ୍ଲକରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ହେଲେ ଏହାର କୌଣସି ସୁଫଳ ମିଳି ନଥିଲା। ଅପରନ୍ତୁ ସେମାନେ ନିଜର ରିଟେଲର ବଦଳାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିବାର ବ୍ଲକ ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ। ଅନେକ ଗାଁ ଲୋକ ଟିପ ଚିହ୍ନ ମାରୁ ଥିବା ବେଳେ ଏଥିରେ ସେମାନଙ୍କ ଦସ୍ତଖତ ହୋଇଥିବାର ଦେଖା ଯାଇଥିଲା। ସେହିପରି କେତେକ ଲୋକଙ୍କ ଆଧାର ଲିଙ୍କ୍ ହେବାର କୁହାଯାଇ ଦସ୍ତଖତ ନିଆଯାଇ ଚଂଚକତା କରାଯାଇଥିଲା। ହେଲେ ଗାଁ ଲୋକ ଯେତେ ଦାବି କଲେ ବି ସେମାନଙ୍କୁ ଉକ୍ତ ଦରଖାସ୍ତର ନକଲ ଦିଆଯାଇ ନଥିଲା। ଅପରନ୍ତୁ ସେମାନଙ୍କ ଦସ୍ତଖତ ନେଇ ଯାଂଚ୍ କରାଯିବା ପରେ ସେମାନଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯିବ ବୋଲି କୁହାଗଲା। ଏଥିନେଇ ଗାଁ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଗରୀବ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଲଢେଇ କରୁଥିବା ବି.ଜେ.ଡି ଯୁବନେତା ସତୀଶ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗାଁରେ ସତୀଶଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ସତୀଶ କହିଥିଲେ ଯେ, ବି.ଜେ.ଡି ନାମରେ କୌଣସି ପ୍ରକାରେ ଭ୍ରଷ୍ଟାଚାର ଏବଂ ଗରୀବ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରାନଯାଉ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ କ୍ଷେତ୍ରରେ ଅତ୍ୟନ୍ତ ସ୍ପଷ୍ଟ ଏବଂ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଉଭୟ ପ୍ରଶାସନ ଓ ଦଳୀୟ କର୍ମୀଙ୍କୁ ବାରମ୍ବାର ଆହ୍ୱାନ ଦେଇଛନ୍ତି। ସତୀଶ ଏଥିନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ କରିଥିଲେ। ପ୍ରକାଶ ଥାଉ କି, ଏହି ଚଂଚକତା କରିଥିବା ଦୁଇ ତିନି ଜଣ ପ୍ରଭାବଶାଳୀ ରାତିରେ ଗାଁରେ ପହଂଚି ଗାଁ ଲୋକଙ୍କ ସହ ଭିତିରିଆ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ ମଧ ଗାଁ ଲୋକେ ଏହାକୁ ପ୍ରତ୍ୟାଖାନ କରିଥିଲେ। ଏଥିପାଇଁ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଟ୍ୱିନସିଟିରେ ବିନା ମୂଲ୍ୟରେ ଭିଟାମିନ ଟାବଲେଟ ବାଂଟିବ କଂଗ୍ରେସ

ଭୁବନେଶ୍ୱର: କରୋନା ମହାମାରୀର ଦ୍ୱିତୀୟ ଲହରରେ ସମଗ୍ର ରାଜ୍ୟରେ ସଂକ୍ରମଣର ହାର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଭୁବନେଶ୍ୱର- କଟକରେ ମଧ ସଂକ୍ରମଣ ହାର ବଢ଼ି ଏକ ଭୟାନକ ପରିସ୍ଥିତି ସୃଷ୍ଟି କଲାଣି। ଏହି ଘଡ଼ିସନ୍ଧି ମୂହୂର୍ତରେ କୋଭିଡ ଆକ୍ରାନ୍ତଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ପକ୍ଷରୁ ଦ୍ୱୈତ୍ୱ ଜିଲ୍ଲା କଂଗ୍ରେସ ମାଧ୍ୟମରେ ନିଶୁଳ୍କ ଭିଟାମିନ ଟ୍ୟାବଲେଟ ବଂଟନ କରାଯିବ ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି କୋଭିଡ କଂଟ୍ରୋଲରୁମର ସଦସ୍ୟ ତଥା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କୋଭିଡ କଂଟ୍ରୋଲରୁମ ଇନଚାର୍ଜ ସୁବ୍ରତ ମହାପାତ୍ର କହିଥିଲେ। ଏହି କୋଭିଡ ମହାମାରୀ ସମୟରେ କଂଗ୍ରେସ ଦଳ କୋଭିଡ କଂଟ୍ରୋଲ ରୁମ ଜରିଆରେ ସାଧାରଣ ଲୋକଙ୍କୁ ସେବା, ସହଯୋଗ ଓ ସୂଚନା ଯୋଗାଇ ଦେଉଥିବା ବେଳେ, ଭୁବନେଶ୍ୱର ଓ କଟକ ମ୍ୟୁନିସପାଲଟି ଏରିଆରେ ହୋମ କ୍ୱାରେନଣ୍ଟାଇନରେ ଥିବା କୋଭିଡ ଆକ୍ରାନ୍ତଙ୍କୁ ବିନାମୂଲ୍ୟରେ ଭିଟାମିନ ଟାବଲେଟ ଯୋଗାଇ ଦିଆଯିବ। ଏହି ମେଡିସିନ ବଂଟନ ପ୍ରକ୍ରିୟା ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସହଯୋଗରେ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ।

ସେହିପରି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଥିଲେ କୋଭିଡ ପରିସ୍ଥିତି ପରିଚାଳନାରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ବିଫଳ, ରୋଗୀଙ୍କ ପାଇଁ ନା ଅକ୍ସିଜେନ ଯୋଗାଣ ଠିକ ରୂପେ ହୋଇପାରୁଛି ନା ହସପିଟାଲରେ ପର୍ଯ୍ୟାପ୍ତ ପରିମାଣରେ ବେଡ ଉପଲବ୍ଧ ହେଉଛି। ସାଧାରଣ ଲୋକ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଛାତ୍ର କଂଗ୍ରେସ ନିଜସ୍ୱ ଉଦ୍ୟମରେ ଲୋକଙ୍କ ପାଖକୁ ରାସନ, ଅତ୍ୟାବଶକୀୟ ସାମଗ୍ରୀ ପହଂଚାଇବା ସହ କୋଭିଡ ଆକ୍ରାନ୍ତଙ୍କ ବିଭିନ୍ନ ସମସ୍ୟା ନେଇ ସାହାଯ୍ୟ ଓ ସହଯୋଗ କରୁଛି। ଏହି ଭିଟାମିନ ବଂଟନ ପ୍ରକ୍ରିୟା ଛାତ୍ର କଂଗ୍ରେସ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର କର୍ମକର୍ତାଙ୍କ ମାଧ୍ୟମରେ ସୂଚାରୂରୂପେ ସମ୍ପାଦନ କରାଯିବ। ହୋମ କ୍ୱାରାନଣ୍ଟାଇନରେ ଥିବା ବ୍ୟକ୍ତି ଟୋଲଫ୍ରି କିମ୍ବା ହ୍ୱାଟସଆପ ନମ୍ବରରେ ଯୋଗାଯୋଗ କଲେ ସେମାନଙ୍କ ପାଇଁ ଭଲେଣ୍ଟିୟରଙ୍କ ଜରିଆରେ ମେଡିସିନ ପହଂଚାଇ ଦିଆଯିବ।

# ଶିକ୍ଷକମାନଙ୍କୁ କୋଭିଡ଼ ଯୋଦ୍ଧା ଘୋଷଣା କରିବାକୁ ଦାବି

ଭୁବନେଶ୍ୱର: ବିଶ୍ୱ ମହାମାରୀ କରୋନା ସମସ୍ତଙ୍କୁ କବଳିତ କରିଥିବା ବେଳେ କରୋନାକୁ ହରାଇବା ପାଇଁ ଡ଼ାକ୍ତର, ଶିକ୍ଷକ, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ, ପୋଲିସ୍, ସାମ୍ବାଦିକ ଏହି ଯୁଦ୍ଧରେ ସାମିଲ୍ ଅଛନ୍ତି। ଏହି ସମସ୍ତ କର୍ମଚାରୀମାନଙ୍କୁ ସରକାର କରୋନା ଯୋଦ୍ଧା ଘୋଷଣା କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ କରୋନା ଯୋଦ୍ଧା ଘୋଷଣା କରିବାକୁ ଦାବି କରିଛି ପ୍ରାଥମିକ ଶିକ୍ଷକ ସଂଘ। ଏଥିସହ ଟୀକାରକରଣ ବେଳେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଅଗ୍ରାଧିକାର ଦେବାକୁ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି। ସେ କହିଛନ୍ତି ଯେ ଶିକ୍ଷକ ଶିକ୍ଷୟିତ୍ରୀମାନେ ରେଳ ଷ୍ଟେସନରେ ପ୍ରବାସୀମାନଙ୍କ ପଞ୍ଜିକରଣ ଓ ସ୍କ୍ରିନିଙ୍ଗ, ରାଜ୍ୟର ସୀମା ଜଗିବା, କୋଭିଡ଼ କେୟାର ସେଂଟର ଓ ପ୍ରତ୍ୟେକ ଗାଁରେ ଥିବା କ୍ୱାରେଂଟାଇନ ସେଂଟର ଜଗିବା, ଗାଁରେ କରୋନା ସଚେତନତା ସୃଷ୍ଟି କରିବା, କରୋନା ରୋଗୀଙ୍କୁ ଔଷଧ ବଂଟନ, ଖାଉଟି ସାମଗ୍ରୀ ବଂଟନ କରିବା ଓ ଶବଦାହ କାର୍ଯ୍ୟରେ କରୋନା ଆରମ୍ଭ ଦିନଠାରୁ ନିୟୋଜିତ ଅଛନ୍ତି। ଏଥିସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୋଷାକ, ମଧ୍ୟାହ୍ନ ଭୋଜନ ସାମଗ୍ରୀ ବଂଟନ, ଔଷଧ, ବହି, ନାପକିନ ଓ ଟଙ୍କା ବଂଟନ ଆଦି କାର୍ଯ୍ୟ ସଠିକ୍ ଭାବରେ କରୁଛନ୍ତି।

## ରାଜ୍ୟରେ କୋଭିଡ ମୃତ୍ୟୁ ତଥ୍ୟ ଲୁଚାଉଛନ୍ତି ସରକାର : ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର: ସମ୍ପ୍ରତି ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ସାଙ୍ଘାତିକ ତଥ୍ୟ ଓଡ଼ିଶାବାସୀଙ୍କୁ ଗଭୀର ଭାବରେ ମର୍ମାହତ କରିଛି। ସରକାର ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ଯେଉଁ ପରିସଂଖ୍ୟାନ ପ୍ରତିଦିନ ଦେଉଛନ୍ତି ତାହା ଭୁଲ ଏବଂ ବିଭ୍ରାନ୍ତିକର ବୋଲି ରାଜ୍ୟରେ ଥିବା ମଶାଣି ଗୁଡ଼ିକର ହିସାବ ଖାତା ପ୍ରମାଣିତ କରିଛି। ଏହା ଏକ ଧର୍ତବ୍ୟ ଏବଂ ଜଘନ୍ୟ ଅପରାଧ ବୋଲି କହିଲେ ଭୁଲ ହେବ ନାହିଁ ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି ସରକାର ଚଳିତ ମାସରେ ପ୍ରତିଦିନ ହାରାହାରୀ ୨୦ଜଣ ଲେଖାଏଁ କୋଭିଡରେ ରୋଗୀ ମୃତ୍ୟୁବରଣ କରୁଛନ୍ତି ବୋଲି ଘୋଷଣା କରୁଛନ୍ତି। ଗତ ୧୪ ତାରିଖରେ ଏହା ଚଳିତ ମାସରେ ଥିଲା ସର୍ବାଧିକ ୨୨ ଜଣ। ମାତ୍ର ସତ୍ୟନଗର ମଶାଣିରେ ଏହି ମେ ମାସରେ ପ୍ରତିଦିନ ୪୫ ଶବ ସତ୍କାର ହୋଇଥିବାର ତଥ୍ୟ ମିଳିଛି। ଯେଉଁଥିରୁ ୩୦ ଜଣଙ୍କର କୋଭିଡ଼ ନିୟମ ମୁତାବକ ଶବଦାହ ହୋଇଛି। ଏହି ମାସରେ ବର୍ତମାନ ସୁଦ୍ଧା ୬୫୦ଜଣଙ୍କ ଶବ ଏଠାରେ ପୋଡ଼ା ହୋଇଛି। କରୋନାର ଦ୍ୱିତୀୟ ଲହର ଆରମ୍ଭ ଠାରୁ ଓଡ଼ିଶାରେ ମୋଟ ୩୯୫ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି ବୋଲି ସରକାର କହୁଛନ୍ତି। ଅର୍ଥାତ ଦିନକୁ ହାରାହାରି ୬ ଜଣ କରୋନାରେ ମରିଛନ୍ତି। କିନ୍ତୁ ରାଜ୍ୟର ବିଭିନ୍ନ ମଶାଣି ଗୁଡ଼ିକରେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ସରକାରୀ ପରିସଂଖ୍ୟାନ ଠାରୁ ବହୁତ ଅଧିକ ବୋଲି ଜଣାପଡ଼ିଛି। ଏହି ତଥ୍ୟ ଅନୁଯାୟୀ ମେ ୧ରୁ ୧୪ ଭିତରେ ରାଜ୍ୟରେ ୨୦୦୦ ଶବ ସତ୍କାର ହୋଇଛି ବିଭିନ୍ନ ସହରର ମଶାଣି ଗୁଡ଼ିକରେ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ସତ୍ୟନଗର, ଖାନ ନଗର, ସତୀଚଉରା ଇତ୍ୟାଦି ମଶାଣି ଗୁଡ଼ିକରେ ନିର୍ବାପିତ ହେଉନଥିବା ଜୁଇ।

ସେହିପରି ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟ କହୁଛି ଗତବର୍ଷ ସେପ୍ଟେମ୍ବରେ ଦାହ ହୋଇଥିଲା ୧୨୮୮ ଶବ କିନ୍ତୁ କରୋନାରେ ସେହି ମାସରେ ରାଜ୍ୟ ସରକାରଙ୍କ ହିସାବ ଅନୁଯାୟି ପ୍ରାଣ ହରାଇଥିଲେ ୩୫୬ ଏହା ପଛରେ ରହସ୍ୟ କ'ଣ ରହିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସରକାର ଯେ କରେନା ମୃତ୍ୟୁ ସଂଖ୍ୟାକୁ ଲୁଚାଉଛନ୍ତି ତାହା ଆଉ ଏକ କଥାରୁ ଜଣାପଡ଼େ। ରାଜ୍ୟ ସରକାର ଏବେ ଭୁବନେଶ୍ୱର, କଟକ ସମେତ ସମ୍ବଲପୁର, ଝାରସୁଗୁଡ଼ା ଇତ୍ୟାଦି ସହର ମାନଙ୍କରେ ଥିବା ମଶାଣି ଗୁଡ଼ିକରେ ସମ୍ପ୍ରସାରଣ ଓ ନୂଆ ମଶାଣି ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବର୍ତମାନ ସରକାରୀ ହିସାବ ଅନୁଯାୟୀ ଯଦି ଦିନକୁ ରାଜ୍ୟର ହାରାହାରି ୨୦ ଜଣ ମରୁଛନ୍ତି ତେବେ ଏହି ନୂତନ ମଶାଣି ତିଆରି କରି ସରକାର ତତ୍ପର କାହିଁକି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

## କରୋନା ସମୟରେ ଗରୀବ ଓ ନିମ୍ନ ଆୟକାରୀ ପରିବାରକୁ ମାସିକ ୬ହଜାର ଟଙ୍କା ଦିଆଯାଉ : କଂଗ୍ରେସ

ଭୁବନେଶ୍ୱର:ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ ବୈଠକରେ କରୋନା ବିପତି ସମୟରେ ରୋଜଗାରହୀନ ଗରୀବ ଓ ସ୍ୱଳ୍ପ ଆୟକାରୀ ପରିବାରକୁ ମାସିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ଏକ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଯାଇଛି। ଏହାସହନବୀନ ସରକାରଙ୍କ ରାଜ୍ୟବାସୀଙ୍କ ଅବଗତି ନିମନ୍ତେ କୋଭିଡ ମହାମାରୀ ପରିଚାଳନା, ଟୀକାକରଣ ସଂକ୍ରାନ୍ତ ସମସ୍ତ ପ୍ରସଙ୍ଗରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରାଯାଇଛି।

ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା □ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲାକୁମାର ଓ ସହ ପ୍ରଭାରୀ ତଥା ଏଆଇସିସି ସଂପାଦକ ରୁଦ୍ର ରାଜୁଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ସଂପ୍ରତି କରୋନା ସ୍ଥିତି ଓ ସାଂଗଠନିକ କାର୍ଯ୍ୟକଳାପ ସମୀକ୍ଷା ପୂର୍ବକ କରୋନା ଦାଉରୁ ଓଡ଼ିଶା ବାସୀଙ୍କୁ ରକ୍ଷା କରିବା କ୍ଷେତ୍ରରେ କଂଗ୍ରେସର ପ୍ରମୁଖ ଭୂମିକା ନିର୍ବାହ କରିବା ଅପରିହାର୍ଯ୍ୟ ବୋଲି ନେତୃମଣ୍ଡଳି ମତ ରଖିଥିଲେ। ବିଧାୟକ ଯେଉଁମାନେ ବର୍ତମାନ ସୁଦ୍ଧା ଆଂଚଳିକ ବିଧାୟକ ପାଣ୍ଠିରୁ ଆମ୍ବୁଲାନ୍ସ ସେବାରେ ସାମିଲ ହୋଇ ନାହାଁନ୍ତି ସେ ସମସ୍ତ ବିଧାୟକ ମାନଙ୍କୁ ଏହି ପାଣ୍ଠିରୁ ଜନସାଧାରଣଙ୍କ ଏହି ସେବା ଯୋଗାଇ ଦେବାକୁ ପିସିସି ତରଫରୁ ପରାମର୍ଶ ଦିଆଯାଇଛି। ଯୁଦ୍ଧକାଳୀନ ଭିତରେ ଟୀକା, କୋଭିଡ ପ୍ରତିଷେଧକ ଔଷଧ, ଇଂଜେକସନ ଓ ଭେଂଟିଲେଟର ଆଦି ଓଡ଼ିଶାକୁ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଦାବୀ କରାଯାଇଛି। ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ଅନ୍ଧକାରରେ ନ ରଖି କେଉଁ ୨ ମାସର କେତେ କେତେ ପରିମାଣର ଟୀକା ପ୍ରଦାନ କରାଯିବ ଓ କେବେ ସୁଦ୍ଧା ୧୮ରୁ ୪୪ ବର୍ଷର ଯୁବଶ୍ରେଣୀଙ୍କୁ ଟୀକାକରଣ କରାଯିବ ତାହାର ଏକ ବିସ୍ତୃତ ସୂଚୀ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି। ଅକ୍ଷୟତୃତୀୟ ଠାରୁ ରାଜ୍ୟରେ ଚାଷକାର୍ଯ୍ୟ ଆରମ୍ଭ କରାଯାଇଥିବା ହେତୁ ଓଡ଼ିଶାରେ ଆବଶ୍ୟକ ହେଉଥିବା ସମୁଦାୟ ୭ଲକ୍ଷ କ୍ୱିଂଟାଲ ଧାନ ଓ ଅଣଧାନ ପ୍ରାମାଣିକ ବିହନ ଯୋଗାନ୍ତୁ। ଦୁଗ୍ଧ ଚାଷୀଙ୍କ ପ୍ରତି ଉଚିତ ନ୍ୟାୟ ପ୍ରଦାନ କରିବା ନିମନ୍ତେ ପୂର୍ବରୁ ସଂଗ୍ରହ ହେଉଥିବା ୫.୫ ଲକ୍ଷ ଲିଟର ଦୁଗ୍ଧ ଓମଫେଡ଼ ସଂସ୍ଥା ନିୟମିତ ତଥା ନିଶ୍ଚିତ ଭାବେ ସଂଗ୍ରହ କରନ୍ତୁ। ପାନଚାଷୀଙ୍କ ନିମନ୍ତେ ବଜାର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପିସିସି ବୈଠକରେ ସରକାରଙ୍କୁ ଯଥୋଚିତ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି।

## ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ସହିତ ଅକ୍ସିଜେନ ପ୍ଲା□ ସ୍ଥାପନ କରିବାକୁ ପୂର୍ବତନ ବିଧାୟକ କିଶୋର ଦାଶଙ୍କ ଦାବୀ

ବାରିପଦା: ମୟୂରଭ ଜିଲ୍ଲା ଆଦିବାସୀ ବହୁଳ ଓଡ଼ିଶାର ସବୁଠାରୁ ବଡ ଜିଲ୍ଲା। ଏହାର ଗୋଟିଏ ଭାଗ ପଶ୍ଚିମବଙ୍ଗକୁ ଲାଗିଛି। ବ□ମାନ ପଶ୍ଚିମବଙ୍ଗ ସ୍ଥିତି ବହୁତ ଖରାପ। ତେଣୁ ଆଗକୁ ମୟୂରଭ ଜିଲ୍ଲାବାସୀଙ୍କୁ ଉନ୍ନତମାନର କୋଭିଡ ଚିକିତ୍ସାର ଆବଶ୍ୟକତା ରହିଛି। ତେଣୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଅକ୍ସିଜେନ ଏବଂ ଭେ□ଲେଟର ସହିତ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ସ୍ଥାପନ କରାଯିବାର ଆବଶ୍ୟକତା ରହିଛି ବୋଲି ବାରିପଦାର ପୂର୍ବତନ ବିଧାୟକ ତଥା ସଚେତନ ନାଗରିକ ମ□ ସଭାପତି କିଶୋର ଦାଶ କହିଛନ୍ତି। ସେଥିପାଇଁ ରାଜ୍ୟ ଏବଂ କେନ୍ଦ୍ର ମିଳିତ ଭାବେ ସହଯୋଗ କରିବାର ଆବଶ୍ୟକତା ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାହିଁଲେ ସି.ଏସ.ଆର. ପାଣ୍ଠିରେ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ସ୍ଥାପନ କରିପାରିବେ ବୋଲି କିଶୋର ଦାଶ କହିଛନ୍ତି। ସେହିଭଳି ପି.ଏମ. କେୟାର ପାଣ୍ଠିରେ ବରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଅକ୍ସିଜେନ ପ୍ଲା□ ମଧ୍ୟ ସ୍ଥାପନ କରିବାକୁ ଦାବୀ କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ନେବାର ଆବଶ୍ୟକତା ରହିଛି କି□ୁ ବ□ମାନ ପର୍ଯ୍ୟ' ରାଜ୍ୟ ସରକାର ମୟୂରଭ ଜିଲ୍ଲା ପାଇଁ ସେଭଳି କୌଣସି ପଦକ୍ଷେପ ନେଇ ନାହାଁ'।

ଯେ କୌଣସି ଅ□ଳର ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭି□ଭୂମିର ଉନ୍ନତିକରଣ ଏକା' ଆବଶ୍ୟକ। ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରଥମେ ଟିକାକରଣ କରାଯାଇ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଚଳ ଚ□ଳ କରିବାର ଆବଶ୍ୟକତା ରହିଛି। ତେଣୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କରିବାକୁ କିଶୋର ଦାଶ ମତ ପୋଷଣ କରିଛ'। ବ□ମାନର ଛାତ୍ର ଛାତ୍ରୀ ଭାରତ ବର୍ଷର ଭବିଷ୍ୟତ। କି□ୁ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ସାମୟିକ ଭାବେ ବନ୍ଦ କରିଦେବାଟା ଏକମାତ୍ର କାର୍ଯ୍ୟ ବୋଲି ଭାବୁଛ'। ଏହା ଦ୍ୱାରା କୋରନା ସହିତ ଛାତ୍ରଛାତ୍ରୀମାନଙ୍କର ମାନସିକତା ମଧ୍ୟ ନଷ୍ଟ ହୋଇଯିବ। ତେଣଉ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଛାତ୍ରଛାତୀ ଓ ଅଧାପକମାନଙ୍କ ନିମ' ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା କରିବାକୁ ସଚେତନ ନାଗରିକ ମ□ ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଦାବୀ କରିଛ'।

## ଯୁକ୍ତ-୨ ଶିକ୍ଷାନୁଷ୍ଠାନ ପୃଥକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର: ଯୁକ୍ତ-୨ ଶିକ୍ଷାକୁ ଉଚ୍ଚଶିକ୍ଷା ବିଭାଗରୁ ପୃଥକ କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ମିଶ୍ରଣ କରାଯାଇଥିବାବେଳେ ଯୁକ୍ତ-୨ ଶିକ୍ଷାନୁଷ୍ଠାନଗୁଡ଼ିକୁ ଡିଗ୍ରୀ କଲେଜରୁ ପୃଥକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଗୁରୁତ୍ୱାରୋପ କରିଛନ୍ତି। ଏସଂପର୍କରେ ସମୀକ୍ଷା ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ଅଧାପକ ଓ ଅଣଶିକ୍ଷକ କର୍ମଚାରୀ ଯେଉଁମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସ୍ଥାପିତ ହୋଇ କାର୍ଯ୍ୟକରୁଛନ୍ତି, ସେମାନଙ୍କୁ ପର୍ଯ୍ୟାୟ କ୍ରମେ ଉଚ୍ଚଶିକ୍ଷା ବିଭାଗକୁ ଫେରାଇ ନିଆଯିବ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ସେହିପରି ଯେଉଁସବୁ କମ୍ପୋଜିଟ୍ ମହାବିଦ୍ୟାଳୟରେ ଯୁକ୍ତ-୨ ଏବଂ ଡିଗ୍ରୀ ମହାବିଦ୍ୟାଳୟ କାର୍ଯ୍ୟ କରୁଛି ଏବଂ ସେସବୁ ଶିକ୍ଷାନୁଷ୍ଠାନରେ କୋଠାବାଡ଼ି, ଜମି ଏବଂ ଅନ୍ୟାନ୍ୟ ଭିତିଭୂମି ଦୃଷ୍ଟିରୁ ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟକୁ ସଂପୂର୍ଣ୍ଣ ରୂପେ ପୃଥକ କରାଯାଇପାରିବ, ସେଗୁଡ଼ିକୁ ସଂପୂର୍ଣ୍ଣ ରୂପେ ଅଲଗା କରାଯିବ। ତଦନୁଯାୟୀ ଜମିଜମା କାଗଜପତ୍ର ମଧ୍ୟ ପରିବର୍ତନ କରାଯିବ। କୋଠାବାଡ଼ି ଓ ଅନ୍ୟାନ୍ୟ ଭିତିଭୂମି ସଂପୂର୍ଣ୍ଣ ପୃଥକ ହୋଇଗଲେ ଯୁକ୍ତ-୨ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଏବଂ ଡିଗ୍ରୀ ମହାବିଦ୍ୟାଳୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେବ। ଯୁକ୍ତ-୨ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକଙ୍କ ପଦବୀ ପୂରଣ ଓ ଅନ୍ୟାନ୍ୟ ଭିତିଭୂମି ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅର୍ଥବିଭାଗ ସହିତ ଖୁବ୍ ଶୀଘ୍ର ଏକ ମିଳିତ ବୈଠକ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

### ପଶ୍ଚିମବଙ୍ଗର ବର୍ନପୁରରେ ୨୦୦ ବେଡ୍ ବିଶିଷ୍ଟ କୋଭିଡ୍ ସେଂଟରର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

## ଇସ୍ପାତ୍ ଉତ୍ପାଦନ ସହ ଦେଶର ଅକ୍ସିଜେନ୍ ଆବଶ୍ୟକତା ପୂରଣ କରୁଛନ୍ତି ଇସ୍ପାତ୍ ପ୍ଲାଂଟ୍ - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ମଇ ୧୯ – ଦେଶର ଇସ୍ପାତ୍ କାରଖାନ ଗୁଡିକ ଇସ୍ପାତ୍ ଉତ୍ପାଦନ ସହ ଦେଶର ଅକ୍ସିଜେନ୍ ଆବଶ୍ୟକତା ପୂରଣ କରୁଛନ୍ତି ବୋଲି ବୁଧବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ପଶ୍ଚିମବଙ୍ଗର ବର୍ନପୁର ଠାରେ ସେଲର ଇସ୍କୋ ଇସ୍ପାତ୍ କାରଖାନା ଦ୍ୱାରା ନିର୍ମିତ ଅକ୍ସିଜେନ୍ ସଂଯୁକ୍ତ ୨୦୦ ବେଡ ବିଶିଷ୍ଟ କୋଭିଡ୍ କେୟାର ସେଂଟରର ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ନପୁର ଠାରେ ସେଲର ଇସ୍କୋ ଷ୍ଟିଲ ଦ୍ୱାରା ୫୦୦ ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ କେୟାର ସେଂଟରରେ ପ୍ରଥମ ପର୍ଯ୍ୟାୟରେ ୨୦୦ଟି ବେଡ୍ ପ୍ରତିଷ୍ଠା ହୋଇଛି। ଖୁବ ଶୀଘ୍ର ଅଧିକ ୩୦୦ କୋଭିଡ୍ ବେଡର ବ୍ୟବସ୍ଥା କରାଯାଉଛି। ବର୍ନପୁରର ଏହି କୋଭିଡ କେୟାରରେ ସେଲ୍ ଦ୍ୱାରା ଗ୍ୟାସୀୟସ ଅକ୍ସିଜେନ, ପାନୀୟ ଜଳ ଯୋଗାଇବା ସହ ବିଦ୍ୟୁତିକରଣର ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ପଶ୍ଚିମବଙ୍ଗର ବର୍ନପୁର ଏବଂ ପଶ୍ଚିମବଙ୍ଗର ବର୍ଦ୍ଧମାନ କ୍ଷେତ୍ରର ସ୍ଥାନୀୟ ଲୋକମାନେ ଉପକୃତ ହୋଇପାରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ୟାସୀୟସ ଅକ୍ସିଜେନ୍ ଥିବା ପ୍ଲାଂଟ୍ ନିକଟରେ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା ପାଇଁ ଆହ୍ୱାନ କରିଥିବା ବେଳେ ସେଲର ଏହି ପଦକ୍ଷେପ ପ୍ରଶଂସନୀୟ। ଏହି ଅବସରରେ ବର୍ନପୁର କୋଭିଡ୍ କେୟାର ସେଂଟରରେ ଟେଷ୍ଟିଂ ସୁବିଧାର ବ୍ୟବସ୍ଥା କରିବା ତଥା ଅନ୍ୟ ଇସ୍ପାତ୍ କାରଖାନା ଠାରେ ମଧ ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟମେଂଟକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ସେଲ୍ ମ୍ୟାନେଜମେଂଟ କୁ ପରାମର୍ଶ ଦେଇଥିଲେ ଶ୍ରୀ ପ୍ରଧାନ। ଇସ୍ପାତ୍ ଶିଳ୍ପ ବିଶେଷ ଭାବରେ ସେଲ ବର୍ତମାନର ମହାମାରୀ ସମୟରେ ବିଶେଷ ଭାବରେ ଜୀବନ ରକ୍ଷାକାରୀ ଲିକୁଇଡ ମେଡ଼ିକାଲ ଅକ୍ସିଜେନ୍ ଯୋଗାଉଥିବାରୁ ଏବଂ ଏଥିପାଇଁ ଦିନରାତି କାମ କରୁଥିବାରୁ କେନ୍ଦ୍ରମନ୍ତ୍ରୀ ଏହାକୁ ପ୍ରଂଶସା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସକ୍ରିୟ ନେତୃତ୍ୱ ଏବଂ ସମସ୍ତ ସରକାରଙ୍କ ପଦକ୍ଷେପ ଦ୍ୱାରା କୋଭିଡ ମୁକାବିଲାକୁ ମଜବୁତ୍ କରିପାରିବା। ଶ୍ରୀ ପ୍ରଧାନ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସେଲକୁ ଇସ୍ପାତ କାରଖାନାରେ କାମ କରୁଥିବା କର୍ମଚାରୀଙ୍କ ପରିବାର, ଶ୍ରମିକ ଏବଂ ଖଣି ଅଂଚଳରେ କାମ କରୁଥିବା ଲୋକଙ୍କୁ ଟିକା ଦେବା ପାଇଁ ଦାୟିତ୍ୱ ନେବା ଉପରେ ମତପ୍ରକାଶ କରିଥିଲେ।

## ସରକାରଙ୍କ ପକ୍ଷରୁ ଛତୁଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର, ୧୮ ମଇ – ଓଡ଼ିଶାର ପାଖା ପାଖି ୫୦ ହଜାରରୁ ଉର୍ଦ୍ଧ୍ୱ ଛତୁଚାଷୀ ବାର୍ଷିକ ପ୍ରାୟ ୩୫ ହଜାର ଟନ୍ ଛତୁ ଉତ୍ପାଦନ କରିଥାନ୍ତି। ଦେଶରେ ବାର୍ଷିକ ୧ ଲକ୍ଷ ୩୦ ହଜାର ଟନ୍ ଛତୁ ଉତ୍ପାଦନ କରାଯାଉଥିବା ବେଳେ ଏହାର ଏକ ଚତୁର୍ଥାଂଶ ଅର୍ଥାତ ୩୫ ହଜାର ଟନ୍‌ରୁ ଉର୍ଦ୍ଧ୍ୱ ଛତୁ କେବଳ ଓଡ଼ିଶାରୁ ଉତ୍ପାଦନ ହେଉଛି। ଓଡ଼ିଶା ହେଉଛି ଛତୁ ଉତ୍ପାଦନରେ ଅଗ୍ରଣୀ ରାଜ୍ୟ। ଛତୁ ଏକ ପୃଷ୍ଟିକର ଔଷଧୀୟ ଖାଦ୍ୟ। ଏହା ଭିଟାମିନ୍ ବି କମ୍ପ୍ଲେକ୍ସ ଓ ପ୍ରୋଟିନ୍ ଯୁକ୍ତ ଖାଦ୍ୟ। ରାଜ୍ୟର ସାଧାରଣ ଗରିବ ଚାଷୀ ଓ ବେକାରୀଯୁବକମାନେ ଛତୁ ଚାଷକୁ ନିଜର ଜୀବିକା ଭାବେ ଗ୍ରହଣ କରି ନିଜର ଆତ୍ମନିଯୁକ୍ତି ସହ ଅନ୍ୟ ପାଇଁ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟିକରି ଛତୁ ଚାଷରେ ବିଗତ ୩୦ ବର୍ଷର ଉଦ୍ୟମ ଫଳରେ ରାଜ୍ୟର ଗୌରବ ସୃଷ୍ଟି କରି ପାରିଛନ୍ତି। ଆଳୁ ପିଆଜ ପରି ବହୁ କୃଷି ପଦାର୍ଥ ଅନ୍ୟ ରାଜ୍ୟରୁ ଅଣାଯାଇ ଆମ ରାଜ୍ୟର ଚାହିଦା ମେ ।ଯାଉଥିବା ବେଳେ ଆମ ରାଜ୍ୟର ଛତୁ ପଡ଼ୋଶୀ ରାଜ୍ୟମାନଙ୍କୁ ଯୋଗାଇ ଦିଆ ଯାଉଛି। ଛତୁଚାଷ ମଧ୍ୟ ଓଡ଼ିଶାର ଦାଦନ ଶ୍ରମିକ ରୋକିବାରେ ସହାୟକ ହେଉଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଛତୁ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ସେପରି ଏକ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଛତୁ ଚାଷରେ ବହୁ ଗରୀବ ଚାଷୀ ଓ ଯୁବକ ଆଗ୍ରହର ସହିତ ସାମିଲ ହେବାର ସମ୍ଭାବନା ରହିଥିବା ବେଳେ ସରକାରଙ୍କ ଛତୁ ଚାଷ ଓ ଚାଷୀଙ୍କ ପ୍ରତି ଅଧିକ ଗୁରୁତ୍ୱ ଦେବା ଉଚିତ୍ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି।

ଦୀର୍ଘ ବର୍ଷ ହେଲା ରାଜ୍ୟର ଛତୁ ଚାଷୀମାନେ ସେମାନଙ୍କର କେତୋଟି ମୌଳିକ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବୀ କରି ଆସୁଥିବା ବେଳେ ଏଥିପ୍ରତି ସରକାର ନୀରବ ରହିବା ଯୋଗୁଁ ଏହି ଶ୍ରେଣୀର ଚାଷୀଙ୍କ ମନରେ ଗଭୀର କ୍ଷୋଭ ପ୍ରକାଶ ପାଉଛି। ବ'ମାନ ମହାମାରୀ କରୋନା ସାଙ୍ଗକୁ ସରକାରଙ୍କ କୋଭିଡ଼ କଟକଣା ଫଳରେ ଛତୁ ଚାଷୀ ଗୁରୁତର ପ୍ରଭାବିତ ହୋଇଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ବ'ମାନ ପାଇଁ ଅତ୍ୟନ୍ତ ପକ୍ଷେ ଆସନ୍ତା ୨ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଛତୁ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ଆର୍ଥିକ ସହାୟତା, ଛତୁ ବିକ୍ରିବଟାର ଆଶୁ ସମାଧାନ, ପରବ'ୀ ସମୟରେ ଓପୋଲଫେଡ଼, ଉଦ୍ୟାନଫ୍ରେସ ଭଳି ଛତୁ ବିକ୍ରୟ ପାଇଁ ବିଭିନ୍ନ ସହରାଳରେ ଛତୁ ପାର୍ଲର ନିର୍ମାଣ, ଛତୁକୁ କୃଷିର ମାନ୍ୟତା ଦେଇ ବ୍ୟାଙ୍କ ସୁଧର ହାର ୧୩ ପ୍ରତିଶତରୁ ୨ ପ୍ରତିଶତକୁ ହ୍ରାସ କରିବା। ଛତୁ ଚାଷ ପାଇଁ ବ୍ୟବହୃତ ବିଦ୍ୟୁତର ଶୁଳ୍କ ବ୍ୟବସାୟିକ ଶୁଳ୍କରୁ କୃଷି ହାରକୁ ଆଣିବା। ସରକାରଙ୍କ ଉଦ୍ୟାନ ବିଭାଗ ପକ୍ଷରୁ ଛତୁ ଚାଷର ବିକାଶ ନିମନ୍ତେ ତୁରନ୍ତ ଏକ ଟାକସ୍ ଫୋର୍ସ କମିଟି ଗଠନ କରିବାକୁ କଂଗ୍ରେସ ଦଳ ତରଫରୁ ଅଧକ୍ଷ ଶ୍ରୀ ପଟ୍ଟନାୟକ, ଉପାଧକ୍ଷ ଶଶି ଭୂଷଣ ପାତ୍ର, ଉମେଶ ସାହୁ, ବୃନ୍ଦାବନ ଖଟେଇ ଓ ସମସ୍ତ ଜିଲ୍ଲାର ଜିଲ୍ଲା କିଷାନ କଂଗ୍ରେସ କର୍ମକ'ାମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି। ବିଶେଷ କରି ଏହି ଛତୁ ପାର୍ଲର ହେବା ଦ୍ୱାରା ବିକ୍ରୟକାରୀମାନେ ଅଧିକ ସମୟ ଛତୁ ବିକ୍ରି କରିବାକୁ ସମୟ ପାଇବା ସହିତ ତାଜା ଛତୁ ବିକ୍ରୟର ସୁଯୋଗ ସୃଷ୍ଟି ହେବ ଏବଂ ଛତୁର ବିଭିନ୍ନ ପ୍ରକାରର ଖାଦ୍ୟ ଓ ଛତୁ ମଞ୍ଜି ବିକ୍ରୟ କରିବାର ସୁବିଧା ମଧ୍ୟ ଉପଲବ୍ଧ ହେବ। ଯାହା ଫଳରେ ଖାଉଟିମାନେ ଅଧିକ ଉପକୃତ ହୋଇ ପାରିବେ ବୋଲି କିଷାନ କଂଗ୍ରେସ ପକ୍ଷରୁ କୁହାଯାଇଛି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray